## ରାତିଅଧରେ ବୁଲିଲା ଖଣ୍ଡା; ୫ ଗିରଫ



**ଖଲ୍ଲିକୋଟ,୨୫ ।୧(ସମିସ):** କ୍ରିକେଟ ଖେଳକୁ ନେଇ ଲାଗି ରହିଥିବା ପୂର୍ବ ଶତ୍ରୁତା ଉଗ୍ର ରୂପ ନେଇଛି। ବୁଧବାର ରାତିରେ ଗୋଟିଏ ଗୋଷ୍ଠୀର ୬ ଜଣ ସଦସ୍ୟ ଗାଁରେ ଭିତରେ ପଶି ଖଣ୍ଡା ବୁଲାଇବା ସହ ଲୋକଙ୍କୁ ଭୟଭିତ କରିବାକୁ ଉଦ୍ୟମ କରିଛନ୍ତି। ପୁଲିସ ଏହି ମାମଲାରେ ୫ ଜଣଙ୍କୁ ଗିରଫ କରଥିବାବେଳେ ଅନ୍ୟ ଜଣେ ଫେରାର ଅଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବୁଲୁ ଗୌଡ଼ଙ୍କ ସମେତ ତାଙ୍କ ଭାଇ ଟୁଲୁ ଗୌଡ଼, ସହଯୋଗୀ ସୁଶାନ୍ତ ପ୍ରଧାନ ଓ ତାଙ୍କ ଭାଇ ପ୍ରଶାନ୍ତ ପ୍ରଧାନ ଏବଂ ମହେଶ୍ୱର ପ୍ରଧାନ। ସେହିପରି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ପବନା ପ୍ରଧାନ ଫେରାର ହୋଇଯାଇଛି। ପୁଲିସ ଏମାନଙ୍କ ଠାରୁ ଦୁଇଟି ଖଣ୍ଡା ଜବତ କରିବା ସହ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ କିଛି ଦିନ ତଳେ ଖଲ୍ଲିକୋଟ ଏନଏସିର ୧୦ ନମ୍ବର ୱାର୍ଡ ବାଲୁଙ୍କେଶ୍ୱରପୁର ଗ୍ରାମରେ କ୍ରିକେଟ ଖେଳରେ ହୋଇଥିବା ଗଣ୍ଡଗୋଳକୁ ନେଇ ସେହି ଗ୍ରାମର ବୁଲୁ ଗୌଡ଼ ଓ ରାଜା ପ୍ରଧାନ ଭିତରେ ତିକ୍ତତା ଲାଗି ରହିଥିଲା। ତେବେ ବୁଧବାର ରାତିରେ ବୁଲୁ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ଧରି ରାଜାଙ୍କ ଘର ନିକଟକୁ ରାଜାଙ୍କୁ ଆକ୍ରମଣ କରିବା ପାଇଁ ଖଣ୍ଡା ଧରି ଯାଇଥିଲେ। ତେବେ ରାଜା ଦୌଡ଼ିଯାଇ ଘର ଭିତରକୁ ଚାଲିଯିବାରୁ ବଞ୍ଚି ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ରାଜାଙ୍କ ଘର ଉପରକୁ ପଥର ମାଡ଼ କରିଥିଲେ। ଏନେଇ ରାଜାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୫୬/୨୦୨୪ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଓଲଟିଲା ମଦ ବୋଝେଇ ଟ୍ରକ୍

**ଖଲ୍ଲିକୋଟ,୨୫ ।୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳେଶ୍ୱର ଠାରେ ବୁଧବାର ବିଳମ୍ବିତ ରାତିରେ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ଡ୍ରାଇଭର ଆହତ ହୋଇ ଖଲ୍ଲିକୋଟ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଆସ୍କା ଫୋଟି ମଦ ବୋତଲ ବୋଝେଇ କରି ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ ନମ୍ବର ଓ ଏସଏଫ ୨୫୪୬ ଆସିକାରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳେଶ୍ୱର ନିକଟରେ ବର୍ଷା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଖବରପାଇ ଭେଜିପୁଟ ଫାଣ୍ଡିଅଧିକାରୀ ଦେବାଶିଷ ମିଶ୍ର ଦୁର୍ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଉଦ୍ଧାର କରି ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ବିଚ୍ ରାସ୍ତାରେ ଯୁବକଙ୍କୁ ହାଣିବା ଘଟଣାରେ ଜଣେ ଅଟକ

**ବ୍ରହ୍ମପୁର,୨୫ ।୧(ସମିସ):** ଗତ ବୁଧବାର ସ୍ଥାନୀୟ ସୁକୁଣ୍ଡା ଛକ କାଶିଆ ଦେଉଳ ନିକଟରେ ଅନନ୍ତାଇ ନୁଆଁ ନାୟକ ସାହିର ସୁନୀଲ ନାୟକକୁ ଖଣ୍ଡାରେ ଆକ୍ରମଣ ଘଟଣାରେ ସଦର ଥାନା ପୁଲିସ ଜଣେ ଯୁବକକୁ ଅଟକ ରଖି ଜେରା କରୁଛି। ଅଟକ ଯୁବକ ଜଣକ ଉକ୍ତ ଗ୍ରାମର ଜିତେନ୍ଦ୍ର ସେଠୀ ବୋଲି ଜଣାପଡିଛି। ଅଭିଯୋଗକାରୀ ସୁନିଲ ଜିତେନ୍ଦ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ବେଳେ ଅଟକ ଯୁବକ ଜିତେନ୍ଦ୍ର ଘଟଣା ବେଳେ ଉପସ୍ଥିତ ନଥିବା ଜେରାବେଳେ ପୁଲିସକୁ କହିଛି। ତେଣୁ ଅଧିକ ତଦନ୍ତ ପାଇଁ ପୁଲିସ ଜିତେନ୍ଦ୍ରକୁ ପଚରାଉଚରା ଜାରି ରଖିଥିବା ସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜକୁ ଯାଞ୍ଚ କରୁଥିବା ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

## ବାଇକ୍ ଚୋରି କରି ଯୁବକ ଗିରଫ

**ସାନଖେମୁଣ୍ଡି,୨୫ ।୧(ସମିସ):** ପାଟପୁର ଥାନା କଂସାମାରୀ ଗ୍ରାମର କେଟିଏମ୍ ବାଇକ୍ ଚୋରି ଘଟଣାରେ ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକ ଜଣକ ହେଲେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା କାଟିଙ୍ଗା ଗ୍ରାମର ଆଶିଷ ଉଠାଣ ସିଂ(୨୨)। କଂସାମାରୀ ଗ୍ରାମର ଏସ.ବାବୁ ଦୋରା ତାଙ୍କ ଘର ସମ୍ମୁଖରେ ରବିବାର ନିଜ କେଟିଏମ ବାଇକନଂ(ଓଡ଼ି୦୭ ଏସି ୮୦୧୯) ରଖିଥିଲେ। ବିଳମ୍ବିତ ରାତିରେ କେହି ଅଜଣା ବ୍ୟକ୍ତି ଚୋରି କରିଥିବା ନେଇ ବାବୁ ଦୋରା ସୋମବାର ପାଟପୁର ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରକାରେ ପୁଲିସ ୬୯/୨୪ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବାଇକ ଚୋରି ଘଟଣାରେ ଯୁବକଙ୍କୁ ଡେଙ୍ଗାଓସ୍ତାରୁ ଉଠାଇ ଆଣି ଅଟକ ରଖିଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ପଚରାଉଚୁରା ବେଳେ ବାଇକ୍ ଚୋରି କରିଥିବା ନେଇ ସ୍ୱୀକାର କରିଥିବା ଜଣାପଡ଼ିଛି। ପୁଲିସ ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ବାଇକ୍ ଉଦ୍ଧାର କରି ଏସ.ବାବୁ ଦୋରାଙ୍କୁ ହସ୍ତାନ୍ତର କରିଛି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ରମ୍ଭା,୨୫ ।୧(ସମିସ):** "ନୂଆ-ଓ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଉଦଯାପନୀ ସମାରୋହରେ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ସଭାପତିତ୍ୱ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଓଡ଼ିଆ ଅଧ୍ୟାପକ ଡ଼ଃ. ଭାସ୍କର ଚନ୍ଦ୍ର ମୁଦୁଲି ଦେଇଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଗଞ୍ଜାମ ଡିଗ୍ରୀ କଲେଜ ଓଡ଼ିଆ ପ୍ରାଧ୍ୟାପକ ଡ଼ଃ. ଲକ୍ଷ୍ମୀ ନାରାୟଣ ପଣ୍ଡା, ସମ୍ମାନିତ ବକ୍ତା ମୁନିଗୁଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ଼ଃ. ହୃଷିକେଶ ଜାଲି, ସମ୍ମାନିତ ଅତିଥି ପରିଚାଳନା କମିଟି ସଦସ୍ୟ ଚନ୍ଦ୍ରଶେଖର ନାୟକ ଓ ନରସିଂହ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ଥିଲେ। ପୁରସ୍କାର ବିତରଣରେ ଅର୍ଥନୀତି ଅଧ୍ୟାପକ ବିପିନ କୁମାର ଦାଶ, ଅଧ୍ୟାପକ ହେମନ୍ତ କୁମାର ଦାଶ, ରଞ୍ଜିତ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ନିରଞ୍ଜନ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ଗଣେଶ ବେହେରା, ବ୍ରଜମୋହନ ପଣ୍ଡା, ଅଧ୍ୟାପିକା ଟି. ଅଲିଶ୍ରୀ ଆଚାରୀ, ଗୌରୀ ବଲବନ୍ତରାୟ, ଟି. ସ୍ୱାତି ଦେବୀ, ଗାନ୍ଧୀ ନାହାକ, ଲକ୍ଷଣ ଜେନା, ନର୍ମଦା ପଣ୍ଡା, ସୀମାଞ୍ଚଳ ପଣ୍ଡା, ଉମାଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଡ଼ଃ ସାଗରିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ '୫-ଟି' ରୂପାନ୍ତରଣର ପ୍ରତିଫଳନ

# ଏମ୍‌କେସିଜିରେ ଗୋଟିଏ ଛାତତଳେ ହେବ ୪୦ରୁ ଅଧିକ ଟେଷ୍ଟିଂ

ବ୍ରହ୍ମପୁର,୨୫ ।୧(ସମିସ)

'୫-ଟି' ଅଧୀନରେ ବିଭିନ୍ନ ବିଭାଗ ଅନ୍ତର୍ଭୁକ୍ତ ହେବା ପରେ ସବୁକ୍ଷେତ୍ରରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଏପରିକି ଜନସାଧାରଣଙ୍କର ବହୁବିଧ ସମସ୍ୟାର ମଧ୍ୟ ସମାଧାନ ହୋଇପାରିଛି। ଏହିକ୍ରମରେ '୫-ଟି' ରୂପାନ୍ତରଣର ପ୍ରତିଫଳନ ଦେଖିବାକୁ ମିଳିଛି ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ। ଯାହାର ଫଳସ୍ୱରୂପ ଏମକେସିଜି ମେଡିକାଲରେ ଏଣିକି ରୋଗୀଙ୍କୁ ଆଉ କୌଣସି ପ୍ରକାରର ଟେଷ୍ଟିଂ ଓ ତାହାର ରିପୋର୍ଟ ସଂଗ୍ରହ ପାଇଁ ଏଣେତେଣେ ଦୌଡ଼ି ନିରାଶ ହେବାକୁ ପଡ଼ିବ ନାହିଁ କିମ୍ବା ଦୀର୍ଘ ସମୟ ଧରି ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ବିଭିନ୍ନ ରୋଗ ପାଇଁ ଉଦ୍ଦିଷ୍ଟ ପ୍ରାୟ ୪୦ରୁ ଅଧିକ ଟେଷ୍ଟିଂ ଓ ତାହାର ରିପୋର୍ଟ ଗୋଟିଏ ଛାତ ତଳେ ରୋଗୀଙ୍କୁ ଉପଲବ୍ଧ ହେବ। ପୂର୍ବରୁ ଏସବୁ ଟେଷ୍ଟିଂ ଉଭୟ ଡାକ୍ତରଖାନାର ରିଜିଓନାଲ ଡାଏଗ୍ନୋସିସ ସେଣ୍ଟର ବା (ଆରଡିସି) ଓ କଲେଜର ବିଭିନ୍ନ ବିଭାଗରେ ପୃଥକ ପୃଥକ ଭାବେ କରାଯାଉଥିଲା। ଫଳରେ ରୋଗୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ଦୌଡିବାକୁ ପଡୁଥିଲା। ସବୁଠାରୁ ବଡ଼କଥା ହେଲା ଜଣେ ରୋଗୀଙ୍କୁ ଏକାଧିକ ଟେଷ୍ଟିଂ ପାଇଁ ଏକାଧିକ ଥର ରକ୍ତ ଦେବାକୁ ପଡୁଥିବା ବେଳେ ସେଥିପାଇଁ ଏକାଧିକ ଥର ଛୁଞ୍ଚି ଫୋଡିବାକୁ ପଡୁଥିଲା। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ବିଭିନ୍ନ ଟେଷ୍ଟିଂ ପାଇଁ ବାରମ୍ବାର ପରିବର୍ତ୍ତେ କେବଳ ଥରୁଟିଏ ରକ୍ତ ସଂଗ୍ରହ କରାଯିବ। ସେପଟେ ମେଡିକାଲ କଲେଜରେ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟିଂ ଛୁଟିଦିନରେ ସମ୍ଭବପର ହେଉନଥିଲା। ଏଣୁ ରୋଗୀମାନଙ୍କୁ ବାଧ ହୋଇ ଘରୋଇ ନିଦାନ କେନ୍ଦ୍ରକୁ ଯାଇ ଅଯଥାରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ରୋଗୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷ ହାତକୁ ନେଇଛନ୍ତି ନିଆରା ପଦକ୍ଷେପ। ବିଭିନ୍ନ ରୋଗର ଟେଷ୍ଟିଂ ଓ ତାହାର ରିପୋର୍ଟ ପାଇଁ ଶୁକ୍ରବାର ସାଧାରଣତନ୍ତ୍ର ଦିବସ ଅବସରରେ ଡାକ୍ତରଖାନାରେ ଶୁଭାରମ୍ଭ ହେବ 'ସିଙ୍ଗଲ ୱିଣ୍ଡୋ' ସେବା। ଗୋଟିଏ ଛାତ ତଳେ ଉପଲବ୍ଧ ହେବ ସମସ୍ତ ପ୍ରକାରର ନିଦାନ ବା ଟେଷ୍ଟିଂ ଓ ସେଗୁଡ଼ିକର ରିପୋର୍ଟ। ଗୋଟିଏ ସ୍ଥାନରେ ସୁଗାର, ଲିପିଡି ପ୍ରୋଫାଇଲ, କିଡ୍‌ନୀ ଫଙ୍କସନ ଟେଷ୍ଟ, ଲିଭର ଫଙ୍କସନ ଟେଷ୍ଟ, ଥାଇରଏଡ, ସିରମ ୟୁରିକଏସିଡି ଟେଷ୍ଟ, କ୍ୟାଲସିୟମ, କୋଭିଡ ସମ୍ପର୍କିତ ସମସ୍ତ ଟେଷ୍ଟ, ସୋଡିୟମ ପଟାସିୟମ, ଟ୍ରପଆଇ, ବିଲୁରୋବିନ, ସିବିସି, ହେମୋଗ୍ଲୋବିନ, ବିଟିସିଟି, ଇଏସଆର, ସିପିଏସ, ଏଚଆଇଭି, ଏଚବିଏସଏଜି, ଏଚସିଭି, ଏମପିଆଇସିଟି, ଏଏସଓ, ସିଆରପି, ଆରଏ, ୟୁରିନ ଟେଷ୍ଟ(ଏନାଲାଇଜର), ମଳ, ମୂତ୍ର, କଫ, ଧାତୁ, ଡେଙ୍ଗୁ, ବୋନମେରୋ, ପିଟିଆଇଏନଆର, ହିଷ୍ଟୋପାଥୋଲୋଜି ଓ ଏଫଏନଏସି ଭଳି ପ୍ରାୟ ୪୦ରୁ ଅଧିକ ରୋଗର ଟେଷ୍ଟିଂ ଓ ରିପୋର୍ଟ ଗୋଟିଏ ସ୍ଥାନରେ ଉପଲବ୍ଧ ହେବ। ସବୁଠାରୁ ବଡ଼କଥା ହେଲା ପୂର୍ବଭଳି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ସେବା ଉପଲବ୍ଧ ନହୋଇ ୨୪ ଘଣ୍ଟିଆ ସେବା ମିଳିବ। ଦୈନିକ ୩ଟି ସିଫ୍ଟରେ କର୍ମଚାରୀ ନିୟୋଜିତ ରହିବେ। ଏପରିକି ରୋଗୀଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ ମଧ୍ୟାହ୍ନ ଭୋଜନ ବିରତିରୁ ମଧ୍ୟ କର୍ମଚାରୀ ନିବୃତ ରହିବେ। ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଥିବାବେଳେ ପୂର୍ବାହ୍ନ ୯ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ରୋଗୀ ନିଜର ଟେଷ୍ଟିଂ ରିପୋର୍ଟ ପାଇପାରିବେ। ସେହିଭଳି ସକାଳ ୯ଟାଠାରୁ ଅପରାହ୍ନ ସାଢ଼େ ୫ଟା ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା ପାଇଁ ଉପାଦାନ ସଂଗ୍ରହ କରାଯିବ। ରାତ୍ରି ସମୟରେ ରୋଗୀଙ୍କୁ ବିଭିନ୍ନ ଟେଷ୍ଟିଂର ଡିଜିଟାଲ ବା ଯାନ୍ତ୍ରିକ ରିପୋର୍ଟ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତିତ ପରିସ୍ରା ପରୀକ୍ଷା ପାଇଁ ରୋଗୀଙ୍କୁ ପରିସ୍ରା ସଂଗ୍ରହ କରିବାକୁ ପୂର୍ବରୁ ବାହାରକୁ ଯିବାକୁ ପଡୁଥିବା ବେଳେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସିଙ୍ଗଲ ୱିଣ୍ଡୋ ନିକଟରେ ଉଭୟ ପୁରୁଷ ଓ ମହିଳା ରୋଗୀଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କରାଯାଇଛି। ଏହି ସେବା କାର୍ଯ୍ୟକାରୀ ହେଲେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବେଶ ଉପକୃତ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ଡାକ୍ତରଖାନାର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଓ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ।




- ଆରଡିସିରେ ୩ଟି ସିଫ୍ଟରେ ନିୟୋଜିତ ରହିବେ କର୍ମଚାରୀ
- ଉପଲବ୍ଧ ହେବ ୨୪ ଘଣ୍ଟିଆ ସେବା
- ସାଧାରଣତନ୍ତ୍ର ଦିବସରେ 'ସିଙ୍ଗଲ ୱିଣ୍ଡୋ' ବ୍ୟବସ୍ଥାର ହେବ ଶୁଭାରମ୍ଭ

### ଏଟିଏମ୍ ପିନ୍ ଅପବ୍ୟବହାର କରି ଟଙ୍କା ଉଠାଣ ଘଟଣା

## ଫେରାର ଅଭିଯୁକ୍ତ ଗିରଫ



**ବ୍ରହ୍ମପୁର,୨୫ ।୧(ସମିସ):** ସ୍ଥାନୀୟ ବଡ ମେଡ଼ିକାଲ ନିକଟରେ ଥିବା ଏସବିଆଇ ଏଟିଏମ ନିକଟରୁ ଜଣେ ବୃଦ୍ଧଙ୍କ ଟଙ୍କା ଚୋରି କରିବା ସହ ଆସାଧୁ ଉପାୟ ଅବଲମ୍ବନ କରି ଠକେଇ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡା ସ୍ଥିତ ଅଚିନ୍ତ୍ୟ ନଗରର ଶଶିକାନ୍ତ ପାତ୍ର(୪୨)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ନଗଦ ୪୦ହଜାର ଟଙ୍କା ଓ ଗୋଟିଏ ବାଇକ ଜବତ କରିଛି। ଜନସାଧାରଣଙ୍କ ସହଯୋଗରେ ଅଭିଯୁକ୍ତକୁ ଗିରଫ କରିବାରେ ଏହି ସଫଳତା ମିଳିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଉଦ୍ଧାର ଟଙ୍କା ପୁଲିସ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ସିଦ୍ଧାର୍ଥନଗର ୧ମ ଲାଇନ ନିବାସୀ ପ୍ରଫୁଲ୍ଲ କୁମାର ପାଢ଼ୀ (୬୮) ଗତ ନଭେମ୍ବର ୭ରେ ବଡ ମେଡିକାଲ କ୍ୟାମ୍ପସ ନିକଟସ୍ଥ ଏଟିମ୍‌କୁ ଟଙ୍କା ଉଠାଇବାକୁ ଆସିଥିଲେ। ଏଠାରେ ସେ ୨୦ହଜାର ଟଙ୍କା ଉଠାଇ ସାଥିରେ ଧରିଥିବା ପଲିଥିନ ବ୍ୟାଗରେ ଉକ୍ତ ଟଙ୍କା ସହ ଏଟିଏମ କାର୍ଡ, ୩ଟି ପାସବୁକ, ପୋଷ୍ଟଅଫିସ ପାସବୁକ ଓ ନିଜ ମୋବାଇଲ ରଖିଥିଲେ। ସେ ଏଟିଏମ ବାହାରକୁ ଆସିବା ବେଳେ ଜଣେ ଦୁର୍ବୃତ୍ତ ଉକ୍ତ ବ୍ୟାଗକୁ ତାଙ୍କ ଠାରୁ ଛଡ଼ାଇ ନେବାରେ ସଫଳ ହୋଇଥିଲା। ପରେ ଦୁର୍ବୃତ୍ତ ଜଣକ ଏଟିଏମ କାର୍ଡରେ ପିନ ନଂ ଲେଖାଯାଇଥିବାରୁ ପିନ୍ ନମ୍ବରର ଅପବ୍ୟବହାର କରି ପୁଣି ୨୦ହଜାର ଟଙ୍କା ଏଚଡ଼ିଏଫସି ବ୍ୟାଙ୍କରୁ ଉଠାଇ ନେଇଥିଲା। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ବାବା ଶଙ୍କର ସରଫଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ଏହି ଟିମ ଘଟଣା ସ୍ଥଳରୁ ସିସିଟିଭି ଫୁଟେଜ ସଂଗ୍ରହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଦିର୍ଘ ଦିନ ପରେ ମଧ ଅଭିଯୁକ୍ତଙ୍କ ପରିଚୟ ଓ ଠିକଣା ପାଇପାରିନଥିଲା। ଶେଷରେ ପୁଲିସ ଘଟଣାସ୍ଥଳରୁ ମିଳିଥିବା ସିସିଟିଭି ଫୁଟେଜକୁ ସୋସିଆଲ ମିଡ଼ିଆରେ ଛାଡି ଅଭିଯୁକ୍ତକୁ ଚିହ୍ନଟ କରିବା ଲାଗି ଲୋକଙ୍କ ସହାୟତା ଲୋଡିଥିଲା। ସେହିକ୍ରମରେ ଜଣେ ବ୍ୟକ୍ତି କିଛିଦିନ ପୂର୍ବେ ଅଭିଯୁକ୍ତକୁ ଜାଣିଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ସେହି ବ୍ୟକ୍ତିଙ୍କ ତଥ୍ୟ ଅନୁସାରେ ଅଭିଯୁକ୍ତ ଶଶୀକାନ୍ତଙ୍କ ଘରେ ଚଡ଼ାଉ କରି କାବୁ କରିଥିଲା। ଏଭଳି ଘଟଣାରେ ସାଧାରଣ ଲୋକେ ପୁଲିସକୁ ବହୁତ ସାହାଯ୍ୟ କରୁଛନ୍ତି। ତେଣୁ ସାଧାରଣଜନତାଙ୍କ ଏଭଳି ସହାୟତା ପାଇ ଅଭିଯୋଗକାରୀଙ୍କୁ ନ୍ୟାୟ ମିଳିପାରୁଛି ବୋଲି ପୁଲିସ କହିଛି। ଏହି ଟିମରେ ଏଏସଆଇ ବିଜୟ କୁମାର ସୁନାଶଗଡ଼, ହାବିଲଦାର ନାରାୟଣ ମହାପାତ୍ର, ଓଏପିଏଫ ଅଭିଯାନ ଗମାଙ୍ଗ ଓ ହୋମଗାର୍ଡ ଦୀପକ ପାତ୍ର ଥିଲେ। ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଉକ୍ତ ଟିମକୁ ପ୍ରସଂଶା କରିବା ସହ ଏଭଳି କାମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

- ସୋସିଆଲ ମିଡିଆ ଓ ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତ ଗିରଫ
- ଲୋକଙ୍କ ସହଯୋଗରୁ ଫେରାର ଅଭିଯୁକ୍ତ ନିକଟରେ ପହଞ୍ଚିଲା ପୁଲିସ

## ବିଧାୟକଙ୍କ ଲୋକପ୍ରିୟତାକୁ ସହ୍ୟ କରିପାରୁନାହାନ୍ତି ସ୍ୱାର୍ଥବାଦୀ



**ଗଞ୍ଜାମ,୨୫ ।୧(ସମିସ):** ଗଞ୍ଜାମ ସାନ ବଜାରସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ଛତ୍ରପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ଗଞ୍ଜାମ ବିଜେଡି ଏନ୍ଏସି ସଭାପତି ରଙ୍କନାଥ ପଲେଇଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନକୁ ଆଉ କେତେଟା ମାସ ବାକି ରହିଥିବା ବେଳେ କିଛି ସ୍ୱାର୍ଥପର ତଥା ବିଶୃଙ୍ଖଳକାରୀମାନେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଲୋକପ୍ରିୟତାକୁ ସହ୍ୟ କରିପାରୁନାହାନ୍ତି। ଶାନ୍ତଶିଷ୍ଟ ଭଦ୍ର ଭାବମୂର୍ତ୍ତି ବିଧାୟକ ଶ୍ରୀ ବେହେରା ଜିଲ୍ଲା ଓ ପୁଲିସ ପ୍ରଶାସନ ଏବଂ ଜନସାଧାରଣଙ୍କ ନିକଟରେ ଯେତେ ଲୋକପ୍ରିୟତା ହୋଇ ଆସୁଛନ୍ତି ସେତିକି ଛତ୍ରପୁର ନିର୍ବାଚନମଣ୍ଡଳୀର କିଛି ସ୍ୱାର୍ଥପର ବ୍ୟକ୍ତିଙ୍କ ପାଇଁ ମୁଣ୍ଡବଥାର କାରଣ ହୋଇପଡିଛି। ଦଳୀୟ ଛାପାରେ ଥିବା ଏହିପରି ସ୍ୱାର୍ଥପର ଓ ବିଶୃଙ୍ଖଳକାରୀ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦଳର ହାଇକମାଣ୍ଡଙ୍କୁ ନିବେଦନ କରାଯିବ ବୋଲି ବିଜୁ ଜନତା ଦଳର ପଦପଦବୀରେ ଥିବା ପଦାଧିକାରୀ ଓ ଆଗଧାଡ଼ିର ନେତାମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମିଳନୀରେ ଗଞ୍ଜାମ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଗଞ୍ଜାମ ଏନଏସି ସଭାପତି ସୁଧୀର ପାଢ଼ୀ, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଶମ୍ଭୁନାଥ ସ୍ୱାଇଁ, କାଉନସିଲର ପୁରୁଷୋତ୍ତମ ସାହୁ, ପି. ଚନ୍ଦ୍ର ଶେଖର ରେଡ୍ଡୀ, ସୁଜାତା ମହାନ୍ତି, ସଂଯୁକ୍ତା ଦାସ, ମହାଲକ୍ଷ୍ମୀ ନାୟକ, ସବିତା ବେହେରା, ଛାତ୍ର ବିଜେଡି ସଭାପତି ରାକେଶ ରଞ୍ଜନ ଦାଶ, ଗଞ୍ଜାମ ଏନଏସି ପୂର୍ବତନ ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ମନୋଜ ପ୍ରଧାନ, ପପି ଗୌଡ଼, ନିରଞ୍ଜନ ପରିଡା, ବିଭୁତି ପଲାଇ, ଟୁନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ ପରିଚୟ ଦେଇ ବୃଦ୍ଧାଙ୍କଠାରୁ ଅଳଙ୍କାର ଲୁଟ୍

**ବ୍ରହ୍ମପୁର,୨୫ ।୧(ସମିସ):** ସ୍ଥାନୀୟ ଗଜପତିନଗର ଛକ ଠାରେ ଗୁରୁବାର ସକାଳ ସାଢ଼େ ୯ଟା ସମୟରେ ନିଜକୁ ପୁଲିସ କର୍ମଚାରୀ ବୋଲି ପରିଚୟ ଦେଇ ଜଣେ ବୃଦ୍ଧାଙ୍କ ଠାରୁ ସୁନା ଅଳଙ୍କାର ଲୁଟ ହୋଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇନଥିଲେ ମଧ୍ୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଲୁଟର ଶିକାର ହୋଇଥିବା ବୃଦ୍ଧା ଜଣକ ଜନୈକ ବ୍ୟାଙ୍କ ମ୍ୟାନେଜରଙ୍କ ପତ୍ନୀ ବୋଲି ପୁଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ ଯେ, ଜଣେ ବୃଦ୍ଧା (୫୨) ଗୁରୁବାର ସକାଳ ସାଢେ ୯ଟା ସମୟରେ ନିଜ କାମରେ ଗଜପତିନଗର ଛକଦେଇ ଯାଉଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ନିଜକୁ ପୁଲିସର ପରିଚୟଦେବା ସହ ଆଗରେ ସୁନା ଯାଞ୍ଚ ହେଉଛି ତେଣୁ ସମସ୍ତ ସୁନା ବାହାର କରିଦେବାକୁ ବୃଦ୍ଧାଙ୍କୁ କହିଥିଲେ। ସେହିକ୍ରମରେ ବୃଦ୍ଧା ଜଣଙ୍କ ପିନ୍ଧିଥିବା ହାତର ଦୁଇଟି ଶଙ୍ଖା ଓ ବେକରେ ପିନ୍ଧିଥିବା ଚେନ ବାହାର କରି ଉକ୍ତ ଯୁବକଙ୍କୁ ଦେଇ ଦେଇଥିଲେ। ତେବେ ଏହି ବୃଦ୍ଧାଙ୍କ ପୂର୍ବରୁ ଅନ୍ୟଜଣେ ମହିଳା ମଧ ସଂପୃକ୍ତ ବ୍ୟକ୍ତିଙ୍କୁ ନିଜର ସୁନା ବାହାର କରି ଦେଇଥିଲେ। ତେବେ ପ୍ରଥମେ ଯେଉଁ ମହିଳା ସୁନା ବାହାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ ସେ ଉକ୍ତ ଗ୍ୟାଙ୍ଗର ସଦସ୍ୟା ହୋଇଥିବା ନେଇ ପୁଲିସ ସନ୍ଦେହ କରୁଛି। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିଲେ ମଧ୍ୟ ଖବରପାଇ ବୈଦ୍ୟନାଥପୁର ଥାନା ଅଧିକାରୀ ବାବା ଶଙ୍କର ସରଫ, ଏସଆଇ ବିଭୁତି ସେଠୀ, ଏଏସଆଇ ବିଜୟ କୁମାର ସୁନାଶଗଡ଼ ଓ ଅନ୍ୟପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ରହ୍ମପୁର ସହରକୁ ବ୍ୟବସାୟ ଆଳରେ ରାଜ୍ୟ ବହାରରୁ ଆସୁଥିବା ଲୋକଙ୍କ ଏଭଳି ଘଟଣାରେ ସମ୍ପୃକ୍ତି ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଜନସାଧାରଣଙ୍କୁ ଏଭଳି ଗ୍ୟାଙ୍ଗ ଠାରୁ ଦୂରେଇ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ପୁଲିସ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇସ୍ତରରେ ରେଞ୍ଜି ବଦଳି

**ବ୍ରହ୍ମପୁର,୨୫ ।୧(ସମିସ):** ଦକ୍ଷିଣାଞ୍ଚଳ ପୁଲିସ ରେଞ୍ଜର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ପୁଲିସ ଅଧିକାରୀଙ୍କ ଅଦଳବଦଳ ହୋଇଛି। ବ୍ରହ୍ମପୁର, ଗଞ୍ଜାମ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ୧୫ଜଣ ପୁଲିସ ଇନ୍ସପେକ୍ଟର, ୧୬ଜଣ ସବ ଇନ୍ସପେକ୍ଟର ଓ ୩ଜଣ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟରଙ୍କ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ବଦଳି ହୋଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଟାଉନଥାନା ଅଧିକାରୀ ଭାବେ କାର୍ଯ୍ୟରତ ଇନ୍ସପେକ୍ଟର ସୁରେଶ କୁମାର ତ୍ରିପାଠୀଙ୍କ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଦିଗପହଣ୍ଡି ଥାନା ଅଧିକାରୀ ଦିପ୍ତିରଞ୍ଜନ ବେହେରାଙ୍କୁ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ସେହିପରି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଇନ୍ସପେକ୍ଟର ରାମ କୁମାର ମୁର୍ମୁଙ୍କୁ ବୌଦ୍ଧ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ଅହଲ୍ୟା ମହାରଣାଙ୍କୁ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ଗଞ୍ଜାମ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲଙ୍କୁ ଗଜପତି ଜିଲ୍ଲାକୁ ବଦଳି ହୋଇଥିବା ବେଳେ ପି. ସ୍ୱରୂପ କିଷାନଙ୍କୁ କନ୍ଧମଳ ଜିଲ୍ଲାକୁ ବଦଳି ହୋଇଛି । ଗଜପତି ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଅଶୋକ କୁମାର ହାଂସଦାଙ୍କୁ ଗଞ୍ଜାମ ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ବ୍ରହ୍ମପୁରକୁ ବଦଳି ହୋଇଛି। କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ଅଜୟ କୁମାର ସ୍ୱାଇଁଙ୍କୁ ଗଞ୍ଜାମ ପୁଲିସ ଜିଲ୍ଲାକୁ, ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ଗୋପୀନାଥ ପ୍ରଧାନଙ୍କ କନ୍ଧମାଳ ଓ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଦେବେନ୍ଦ୍ର କୁମାର ସାହୁଙ୍କୁ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ବଦଳି ହୋଇଛି। ସେହିପରି ବୌଦ୍ଧ ପୁଲିସ ଜିଲ୍ଲାରେ ସବ ଇନ୍ସପେକ୍ଟର(ଏସଆଇ) ଭାବେ କାର୍ଯ୍ୟରତ ଲିସାରାଣୀ ସେଠୀ, ବିନୋଦଚନ୍ଦ୍ର କଅଁର, ବାଲ୍ମୀକି ପ୍ରଧାନ, ଗଣନାଥ ଥାନାପତି, ଜ୍ଞାନେନ୍ଦ୍ର କୁମାର ମିଶ୍ରଙ୍କୁ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର କିଷାନ, ତୁଲରାମ ମହାନନ୍ଦ, ସସ୍ମିତା ମଗର ଓ ବଂଶୀଧର ମଲ୍ଲିକଙ୍କ ଗଞ୍ଜାମ ପୁଲିସ ଜିଲ୍ଲାକୁ ବଦଳି ହୋଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟରତ ସବ ଇନ୍ସପେକ୍ଟର ଯଶୋବନ୍ତ କଅଁର, ମଧୁସ୍ମିତା ପ୍ରଧାନ, ମହେନ୍ଦ୍ର ବେହେରା, ମାଧବଚନ୍ଦ୍ର ତକ୍ରିଙ୍କୁ ବୌଦ୍ଧ ପୁଲିସ ଜିଲ୍ଲାକୁ ବଦଳି ହୋଇଛି । ଗଞ୍ଜାମ ପୁଲିସ ଜିଲାରେ କାର୍ଯ୍ୟରତ ବାବୁଲା ରାଉଳ, ଆର୍ତ୍ତତ୍ରାଣ ଦାନୀ, ସାନ୍ତନୁ କୁମାର ଦିଗାଲଙ୍କୁ ବୌଦ୍ଧ ପୁଲିସ ଜିଲ୍ଲାକୁ ବଦଳି ହୋଇଛି। ଏହାବ୍ୟତିତ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର(ଏଏସଆଇ) ଭାବେ କାର୍ଯ୍ୟରତ ଅଶ୍ୱିନୀ କୁମାର ବିଶ୍ୱାଳଙ୍କୁ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ଗୋବିନ୍ଦ ମଲ୍ଲିକଙ୍କୁ ବୌଦ୍ଧ ଜିଲ୍ଲାକୁ ବଦଳି ହୋଇଛି। କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ଏଏସଆଇ ସୁବାଷଚନ୍ଦ୍ର ନାୟକଙ୍କୁ ଡେପୁଟେସନରେ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ବଦଳି ହୋଇଛି। ଗତକାଲି ବ୍ରହ୍ମପୁର ଠାରେ ବସିଥିବା ଦକ୍ଷିଣାଞ୍ଚଳ ରେଞ୍ଜ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ବୈଠକର ଅନୁମୋଦନ ପରେ ଆଇଜି ସତ୍ୟବ୍ରତ ଭୋଇଙ୍କ ପକ୍ଷରୁ ବଦଳି ଆଦେଶ ପ୍ରକାଶ ପାଇଛି।

# ଛାତ୍ରଙ୍କୁ ଖଣ୍ଡା ଦେଖାଇ ଦାଦାବଟି ଆଦାୟ ଘଟଣାରେ ୩ ଗିରଫ

### ଗୋଟିଏ ଖଣ୍ଡା, କାର୍, ୩ଟି ମୋବାଇଲ ଓ ୪୫୪୦ ଟଙ୍କା ଜବତ

ବ୍ରହ୍ମପୁର,୨୫ ।୧(ସମିସ)

ଗୋପାଳପୁର ଥାନା ଅନ୍ତର୍ଗତ ହରିପୁର ବ୍ରିଜ ନିକଟରେ ଜଣେ କଲେଜ ଛାତ୍ରକୁ ଅଟକାଇ ଖଣ୍ଡା ଦେଖାଇ ଦାଦାବଟି ଆଦାୟ କରିବା ଘଟଣାରେ ଗୋପାଳପୁର ଥାନା ପୁଲିସ ଗୁରୁବାର ୩ଜଣ ଡକାୟତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ସଦରଥାନା ଅନ୍ତର୍ଗତ ଲାଠି ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧି ସୁନୀଲ ସେଠୀ, ସୁମନ କୁମାର ଗୌଡ, ଓ ଅନ୍ୟଜଣେ ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ଅନ୍ତରବା ଗ୍ରାମର ସନ୍ତମାଳି ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ପୁଲିସ ଘଟଣାରେ ବ୍ୟବହୃତ ଏକ କାର୍, ଗୋଟିଏ ଖଣ୍ଡା, ୩ଟି ମୋବାଇଲ ଓ ନଗଦ ୪୫୪୦ଟଙ୍କା ଜବତ କରିଥିବା ଏସପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲା ଭାବନୀପାଟଣା ନିବାସୀ ତଥା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ହାତୀବନ୍ଧ ସାହିରେ ରହୁଥିବା କଲେଜ ଛାତ୍ର ଆରିୟାନ ପଟ୍ଟନାୟକ ନିଜ ସହଯୋଗୀଙ୍କ ସହ ଗତ ୨୪ତାରିଖ ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ପରେ ସେମାନେ ହରିପୁର ବିଚ ଯାଇଥିଲେ। ଏଠାରେ ଆରିୟାନ ଓ ତାଙ୍କ ବନ୍ଧୁମାନେ ବୁଲାବୁଲି କରୁଥିବା ସମୟରେ କିଛି ଦୁର୍ବୃତ୍ତ ସେମାନଙ୍କୁ ଲୁଟ୍ କରିବା ଉଦ୍ଦେଶ୍ୟରେ ଟାର୍ଗେଟ କରି ପିଛା କରିଥିଲେ। ହରିପୁର ବ୍ରିଜ ନିକଟରେ ଉକ୍ତ ୩ଜଣ ଦୁର୍ବୃତ୍ତ ଏକ କାରରେ ଆସି ଖଣ୍ଡା ଦେଖାଇ ଆରିୟାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଏଥିରେ ଭୟଭୀତ ହୋଇଯାଇଥିଲେ ଆରିୟାନ। କୌଣସି ସୂତ୍ରରୁ ଖବରପାଇ ପୁଲିସ ପହଞ୍ଚିବା ବେଳେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଆରିୟାନ ପଟ୍ଟନାୟକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ପୁଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପରେ ସେମାନଙ୍କୁ ଗୋପାଳପୁର ଅଞ୍ଚଳରୁ କାବୁ କରାଯାଇ ସେମାନଙ୍କ ନିକଟରୁ ଖଣ୍ଡା, ମୋବାଇଲ ଓ ଟଙ୍କା ଜବତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଉପରୋକ୍ତ ୩ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ସୁନିଲଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୁଲିସ କହିଛି।



## ଗୋପାଳପୁର ବେଳାଭୂମି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ଗୋପାଳପୁର: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୨୫।୧(ସମିସ)

ବହୁ ପ୍ରତିକ୍ଷୀତ, ବିଶ୍ୱବିଦିତ ଗୋପାଳପୁର ବେଳାଭୂମି ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହା ଆସନ୍ତା ୨୮ ତାରିଖ ଯାଏଁ ଜାରି ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାମ୍ପ୍ରତିକ ସ୍ଥିତିରେ ଗୋପାଳପୁର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ଏହା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଞ୍ଜାମର ଆରାଧ ଦେବୀ ମା' ତାରାତାରିଣୀଙ୍କୁ ପ୍ରଥମେ ସ୍ମରଣା କରି ମହୋତ୍ସବର ସଫଳତା କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବେଳାଭୂମି ମହୋତ୍ସବକୁ ଉପଭୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିଭଳି ରାଜ୍ୟ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦର୍ଶକଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ପଲ୍ଲିଶ୍ରୀ ମେଳା ଓ କଳାକାରଙ୍କ ନୃତ୍ୟକୁ ମଧ ସେ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ବାସ୍ତବ ରୂପ ନେଉଛି ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଅର୍ପଣ କରିଥିଲେ। ସେହିଭଳି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳା, ସଂସ୍କୃତି ଓ ପର୍ଯ୍ୟଟନର ତ୍ରିବେଣୀ ସଂଗମ ଗଞ୍ଜାମ। ନୌବାଣିଜ୍ୟର ପ୍ରାଚୀନ ତମ ପରମ୍ପରା ଏଠାରେ ଦୃଶ୍ୟମାନ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଏଭଳି ଆୟୋଜନକୁ ସେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଏସ ରାଜେଶ୍ୱରୀ ଦୋରା, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ ଜାନକୀ ରାମ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସି ଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅନିତା ମହାକୁଡ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି କାର୍ତ୍ତିଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ ସୋନାଲ, ଏସପି ବ୍ରହ୍ମପୁର ଡା. ଶ୍ରବଣ ବିବେକ ଏମ, ଉପ ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣୀ ସି, ବନଖଣ୍ଡ ଅଧିକାରୀ ସନି ଖୋଖର, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷଙ୍କ ସମେତ ସମସ୍ତ କାଉନସିଲର ମଞ୍ଚାସୀନ ଥିଲେ। ଓଡ଼ିଶାର ପ୍ରାଚୀନ ବନ୍ଦର ଗୋପାଳପୁର ଐତିହ୍ୟକୁ ମନେ ପକାଇ ଏହି ମହୋତ୍ସବ ପ୍ରତିବର୍ଷ ଆୟୋଜନ ହୋଇଥାଏ। ସେହିପରି ମହୋତ୍ସବକୁ ଉପଭୋଗ କରିବା ସହ ବେଳାଭୂମିକୁ ସ୍ୱଚ୍ଛ ରଖିବାକୁ ଜିଲ୍ଲାପାଳ ବାର୍ତ୍ତା ଦେଇଥିଲେ। ଶେଷରେ ଗଞ୍ଜାମ ଜିଲ୍ଲାପରିଷଦର ସିଡିଓ ଭି କାର୍ତ୍ତିଭାସନ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପାଳପୁର ଏନଏସି ଓ ବ୍ରହ୍ମପୁର ମହାନଗର ନିଗମର ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ବର୍ଷା ଓ ଶୀତୁଆ ପାଗକୁ ଖାତିର ନ କରି ଦର୍ଶକମାନେ ମହୋତ୍ସବର ମଜା ନେଇଥିଲେ।

### ସ୍ଥାନୀୟ କଳାକାରଙ୍କ କମାଲ

ସଭା ପୂର୍ବରୁ ଅପରାହ୍ନରେ ଗଞ୍ଜାମ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦୀପନ୍ୟା ମ୍ୟୁଜିକ ଏକାଡେମୀ, ଗାୟତ୍ରୀ ଯୁଗଳ ଶଙ୍ଖ ଧ୍ୱନି, ନୁପୁର, ପ୍ରଜ୍ଞା ସଙ୍ଗୀତ ନୃତ୍ୟାୟନ କେନ୍ଦ୍ର, ଜଗନ୍ନାଥ କଳା ନିକେତନ, କିଲର ବିଟ୍ସ ଡ୍ୟାନ୍ସ ଏକାଡେମୀ, ଏମଜେ ଭାଇରସ ଡ୍ୟାନ୍ସ କ୍ଲାସ, ଷ୍ଟାର ଆଇକନ ଏକାଡେମୀ, ମା' ମଙ୍ଗଳା ପାଇକ ଆଖଡ଼ା, କୋରାପୁଟର କଳା ବିକାଶ କେନ୍ଦ୍ର ପକ୍ଷରୁ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସେହିଭଳି ଭୁବନେଶ୍ୱରର ଏକଗ୍ରତା ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।







### ମୁଖ୍ୟ ଆକର୍ଷଣ ସନମ୍ ବ୍ୟାଣ୍ଡ ଗ୍ରୁପ୍

କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲେ ସନମ ବ୍ୟାଣ୍ଡ ଗ୍ରୁପ୍। ଏହି ବ୍ୟାଣ୍ଡ ଗ୍ରୁପର କଳାକାରଙ୍କ ବଲିଉଡ୍ ଚଳଚ୍ଚିତ୍ର ଗୀତରେ ଝୁମିଥିଲେ ଦର୍ଶକ। ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ସନମ୍ ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ। ସେହିପରି ମହୋତ୍ସବ ପରିଚାଳନାରେ ବ୍ରହ୍ମପୁର ସମସ୍ତ ଡେପୁଟି କମିଶନର, ଅତିରିକ୍ତ ଏସପି ଓ ଜିଲ୍ଲାର ବରିଷ୍ଠ ଅଧିକାରୀ ବୃନ୍ଦ ସହଯୋଗ କରିଥିଲେ।



### କଳା, ସଂସ୍କୃତି ଓ ପର୍ଯ୍ୟଟନର ତ୍ରିବେଣୀ ସଂଗମ
### ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କଲେ ଦର୍ଶକ

### ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ଗୋପାଳପୁର ବେଳାଭୂମି ମହୋତ୍ସବରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବ୍ରହ୍ମପୁର ଏସ୍‌ପି ଡା. ସାର୍ବଣା ବିବେକ ଏମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଛନ୍ତି। ବିଭିନ୍ନ ଛକ ସମେତ ସମଗ୍ର ମହୋତ୍ସବ ଅଞ୍ଚଳରେ ପୁଲିସ ଛାଉଣୀ ହୋଇ ରହିଛନ୍ତି। ସେହିଭଳି ସିସିଟିଭି କ୍ୟାମେରା ସମେତ କଣ୍ଟ୍ରୋଲ ରୁମ ସ୍ଥାପିତ ହୋଇଛି। ସୁରକ୍ଷା ଦୃଷ୍ଟିକୁ ବିଶେଷ ପ୍ରାଥମିକତା ଦିଆଯାଇଛି।

### ମନମୋହୁଛି ପଲ୍ଲିଶ୍ରୀ ମେଳା



ମହିଳା ସଶକ୍ତୀକରଣ ଧାରା ଆରମ୍ଭ ହୋଇଥିବା ଓଡ଼ିଶାରେ ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ତନ୍ମଧ୍ୟରୁ ପଲ୍ଲିଶ୍ରୀ ମେଳା ଅନ୍ୟତମ। ଏଣେ ଗୋପାଳପୁର ବେଳାଭୂମି ମହୋତ୍ସବରେ ମୁଖ୍ୟ ଆକର୍ଷଣ ସାଜିଛି ପଲ୍ଲିଶ୍ରୀ ମେଳା। ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଭଳିକି ଭଳି ସଂସ୍ଥାପିତ ହୋଇଥିବା ଦ୍ରବ୍ୟର ଭଣ୍ଡାର ପଲ୍ଲିଶ୍ରୀ ମେଳାର ଗାରିମାକୁ ଦ୍ୱିଗୁଣିତ କରୁଛି। ଚଳିତବର୍ଷ ୩୦୦ ଷ୍ଟଲ ସ୍ଥାପିତ ହୋଇଛି। ଏଥିରେ ୫୦ରୁ ଅଧିକ ଷ୍ଟଲ ଜିଲ୍ଲା ବାହାରର ହୋଇଥିବା ବେଳେ ରାଜ୍ୟ ବାହାରୁ ମଧ ଅନେକ ଷ୍ଟଲ ସ୍ଥାନ ପାଇଛି। ସେହିଭଳି ଚଟପଟି ଖାଦ୍ୟର ଶ୍ରଦ୍ଧାଳୁ ମଜା ନେଉଛନ୍ତି। ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶିତ ଷ୍ଟଲ ବୁଲି ସରକାରୀ ଯୋଜନା ବିଷୟରେ ଅବଗତ ହେଉଛନ୍ତି।



# ଏମ୍‌କେସିଜି ଛାତି ଓ ଯକ୍ଷ୍ମାରୋଗ ବିଭାଗରେ ସ୍ୱତନ୍ତ୍ର ଆଇସିୟୁ ସୁବିଧା

ବ୍ରହ୍ମପୁର, ୨୫।୧(ସମିସ)

ଏମ୍‌କେସିଜି ମେଡିକାଲର ଛାତି ଓ ଯକ୍ଷ୍ମାରୋଗ ଚିକିତ୍ସା ବିଭାଗରେ ନୂତନ ଭାବେ ୫ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲିଛି। ଯାହାଫଳରେ ଉକ୍ତ ବିଭାଗରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କୁ ସଠିକ ସମୟରେ ଉତ୍ତମ ତଥା ନିରନ୍ତର ଚିକିତ୍ସାସେବା ମିଳିପାରିବ। ବିଭାଗରେ ୬୦ଟି ଶଯ୍ୟା ରହିଥିବା ବେଳେ ପ୍ରତ୍ୟେକ ଦିନ ୭୦ରୁ ୮୦ଜଣ ଛାତି ଓ ଯକ୍ଷ୍ମାରୋଗୀ ଚିକିତ୍ସା ନିମନ୍ତେ ବର୍ହିଃଚିକିତ୍ସା ବିଭାଗକୁ ଆସିଥାନ୍ତି। ରୋଗୀଙ୍କ ଚିକିତ୍ସା ନିମନ୍ତେ ଜଣେ ଆସୋସିଏଟ ପ୍ରଫେସର ରହିଥିବାବେଳେ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ଏହା ସହିତ ଜୁନିୟର ରେସିଡାଣ୍ଟ ଓ ୬ ଜଣ ପିଜି ଡାକ୍ତରୀ ଛାତ୍ରଛାତ୍ରୀ ରହିଛନ୍ତି। ପୂର୍ବରୁ ଇନ୍‌ଡୋରରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କୁ ଏମକେସିଜି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସା କରାଯାଉଥିବା ବେଳେ ଅନେକ ସମୟରେ ଶଯ୍ୟା ଅଭାବରୁ ରୋଗୀଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ଏହି ସମୟରେ ବହୁ ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇବା କଷ୍ଟକର ହେଉଥିଲା। ବର୍ତ୍ତମାନ ବିଭାଗରେ ଆଇସିୟୁ ଖୋଲାଯିବା ପରେ ବହୁ ଗୁରୁତର ରୋଗୀ ଉପକୃତ ହୋଇପାରିବେ। ଏଥି ନିମନ୍ତେ ଜଣେ ଲେଖାଏଁ ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଜୁନିୟର ରେସିଡାଣ୍ଟ ଓ ୬ଜଣ ପିଜି ଡାକ୍ତର ରହିଛନ୍ତି। ଏଥିସହିତ ଆଇସିୟୁରେ ୪ଜଣ ନର୍ସିଂ ଅଫିସର ଓ ଆଟେଡାଣ୍ଟଙ୍କ ସମତେ ମେଡିକାଲ ପକ୍ଷରୁ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଜାତୀୟ ମେଡିକାଲ କାଉନସିଲ (ଏନଏମସି) ପକ୍ଷରୁ ଏମକେସିଜି ମେଡିକାଲ କଲେଜର ଛାତି ଓ ଯକ୍ଷ୍ମାରୋଗ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ପାଇଁ ଅନୁମୋଦନ ମିଳିଥିବା ବେଳେ ୩ଟି ସ୍ନାତକୋତ୍ତର ସିଟ ରହିଛି। ବିଭାଗରେ ବର୍ତ୍ତମାନ ୯ଜଣ ପିଜି ଡାକ୍ତର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଅଧ୍ୟୟନ ପାଇଁ ମଧ ଆଇସିୟୁର ଆବଶ୍ୟକତା ରହିଥିଲା। ସେହିପରି କିଛିବର୍ଷ ହେବ ବିଭାଗରେ ପ୍ରଫେସର ପଦବୀ ଖାଲିପଡ଼ିଥିବା ବେଳେ ଆଇସିୟୁ ଖୋଲିବା ପରେ ତାହା ମଧ ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ଜଣାପଡ଼ିଛି। ଏଥି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବଶୀଘ୍ର ଚୁକ୍ତିଭିତ୍ତିକ ଭାବେ ଜଣେ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଭାଗ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ପ୍ରିୟଜିତ୍ ଜେନା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଇସିୟୁରେ ୫ଟି ରୋଗୀଙ୍କ ଚିକିତ୍ସା କରାଯାଉଛି। ଆବଶ୍ୟକ ପଡ଼ିଲେ ଅତି ଗୁରୁତର ରୋଗୀଙ୍କୁ ମେଡ଼ିକାଲର ସେଣ୍ଟ୍ରାଲ ଆଇସିୟୁକୁ ସ୍ଥାନାନ୍ତରିତ କରି ସେଠାରେ ମଧ ଚିକିତ୍ସା କରାଯିବ। ବର୍ତମାନ ଆଇସିୟୁ ପରିଚାଳନରେ କିଛି ସାମଗ୍ରୀ ଆବଶ୍ୟକ ରହୁଥିବାବେଳେ ତାହା ମେଡିକାଲ ପକ୍ଷରୁ ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ କିଛିଦିନ ମଧ୍ୟରେ ଛାତି ଓ ଯକ୍ଷ୍ମାରୋଗ ବିଭାଗରେ ୫ଶଯ୍ୟା ବିଶିଷ୍ଟ ଆଇସିୟୁ ସମ୍ପୂର୍ଣ୍ଣ ଭାବେ ରୋଗୀଙ୍କ ସେବାରେ ବ୍ୟବହାର ହୋଇପାରିବ। ଏଣିକି ଏହି ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଆଉ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ପଡ଼ିବ ନାହିଁ। ଏହା ସହ କିଛି ଦିନରେ କାର୍ଡିଓ ଥୋରାସିକ୍ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗରେ ମଧ ୧୦ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲାଯିବ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି।



- ଖୁବ୍‌ଶୀଘ୍ର କାର୍ଡିଓ ଥୋରାସିକ୍ ଆଣ୍ଡ ଭସ୍କୁଲାର ସର୍ଜରୀ (ସିଟିଭିଏସ୍) ବିଭାଗରେ ଖୋଲିବ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ
- ଉତ୍ତମ ତଥା ନିରନ୍ତର ଚିକିତ୍ସା ସେବା ପାଇବେ ଗୁରୁତର ରୋଗୀ

## ସହରତଳି ଅଞ୍ଚଳକୁ ବିଇଏମ୍‌ସିରେ ମିଶ୍ରଣ ପାଇଁ ବ୍ରହ୍ମପୁର ବିଧାୟକଙ୍କ ପ୍ରତିଶ୍ରୁତି

**ବ୍ରହ୍ମପୁର, ୨୫।୧(ସମିସ):** ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବହୁ ଦିନ ହେବ ସହରତଳି ଅଞ୍ଚଳ ଗୁଡ଼ିକୁ ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ରେ ମିଶ୍ରଣ ନିମନ୍ତେ ଦାବି କରି ଆସୁଥିଲେ। ଏନେଇ କମିଟି ପକ୍ଷରୁ ବୁଧବାର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଲୋଚାପଡ଼ା ଓ ଭାବିନୀପୁର ପଞ୍ଚାୟତକୁ ବ୍ରହ୍ମପୁର ମହାନଗର ନିଗମ ପରିସରରେ ସରକାର ସାମିଲ କରିବାକୁ ଯାଉଛନ୍ତି। ଏନେଇ ବିଜ୍ଞପ୍ତି ୧୫ରୁ ୨୦ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି ବିଧାୟକ ଶ୍ରୀପଣ୍ଡା ପ୍ରତିଶ୍ରୁତି ଦେଇଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ରହିଯାଇଥିବା ଅନ୍ୟ ପଞ୍ଚାୟତ ଗୁଡ଼ିକ ବାବଦରେ ମଧ ଅନୁରୂପ ନିଷ୍ପତ୍ତି ନେବେ ବୋଲି କମିଟି ଆଶା ରଖିଛି। ବିଧାୟକଙ୍କ ପ୍ରତିଶ୍ରୁତି ଆଧାରରେ କମିଟି ପକ୍ଷରୁ ଚାଲିଥିବା ସାପ୍ତାହିକ ପ୍ରତିବାଦ ସଭାକୁ ୧୫ଦିନ ନିମନ୍ତେ ସ୍ଥଗିତ ରଖାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବିପୁରଣ ନହେଲେ କମିଟି ପୁଣିଥରେ ତାର ପ୍ରତିବାଦ ସଭାକୁ ଜାରି ରଖିବ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନାରେ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଉପକଣ୍ଠର ୧୮ଟି ପଞ୍ଚାୟତକୁ ନେଇ ବ୍ରହ୍ମପୁର ମହାନଗର ନିଗମ ଗଠନ କରାଯିବ ବୋଲି ୨୦୦୮ ମସିହାରେ ଘୋଷଣା ହୋଇଥିଲା। କିନ୍ତୁ ତାହାକୁ କାର୍ଯ୍ୟକାରୀ କରାଯିବାରେ ବିଳମ୍ବ ହେଉଥିବାରୁ କମିଟି ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହ ପ୍ରତ୍ୟେକ ସପ୍ତାହରେ ସାପ୍ତାହିକ ପ୍ରତିବାଦ ସଭା କରାଯାଉଥିଲା।



## ଉପଖଣ୍ଡସ୍ତରୀୟ ଜାତୀୟ ମତଦାତା ଦିବସ

**ବ୍ରହ୍ମପୁର, ୨୫।୧ (ସମିସ):** ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ୧୪ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଉପ ଜିଲ୍ଲାପାଳ ଡ଼. ଗୌରବମୟ ପ୍ରଧାନ, ଡେପୁଟି କଲେକ୍ଟର ସୁବ୍ରତ ରାମବିରାମ ଶତପଥୀ ଓ କସ୍ତୁରୀ ସ୍ୱାଇଁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ମଞ୍ଚାସୀନ ଥିଲେ। ନିର୍ବାଚନ ଆୟୋଗର ପ୍ରତିଷ୍ଠା ଦିବସ ଜାନୁଆରୀ ୨୫ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଏ। ୨୦୧୧ମସିହାରେ ପ୍ରଥମଥର ପାଇଁ ଜାନୁଆରୀ ୨୫ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯିବା ସହ ପ୍ରତିବର୍ଷ ଏହି ଦିନକୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସ ପାଳନର ଉଦ୍ଦେଶ୍ୟ ଗଣତାନ୍ତ୍ରିକ ନିର୍ବଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷ କରି ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସକ୍ରିୟ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ବୋଲି ଉପ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ କହିଥିଲେ। ଏହା ସହ ବିଭିନ୍ନ ଦେଶରେ ନିର୍ବାଚନ ନିମନ୍ତେ ରହିଥିବା ବ୍ୟବସ୍ଥା ସମ୍ପର୍କରେ ଶ୍ରୀକୁଲକର୍ଣ୍ଣୀ କହିଥିଲେ। ଏଥିରେ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ।

ANIMESH FOOD PRODUCTS
ANIMESH INDIAN SNACKS The ultimate name of Quality
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com

Contact: 8895052838 / 8596070800

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

✓ ଜଗବନ୍ଧୁ ଦାଶ
ହଂସୁରା, ଜଗତସିଂହପୁର
ଆବିର୍ଭାବ: ୨୦.୧୦.୧୯୫୭
ତିରୋଧାନ: ୧୫.୦୧.୨୦୨୪
ତୁମର ଅନୁପସ୍ଥିତିର ଶୂନ୍ୟତା ଅପୂରଣୀୟ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣା ଦାୟକ ଏବଂ ଚିରସ୍ମରଣୀୟ ହୋଇ ରହିଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ଭାଇ ଭଉଣୀ ଓ ଆତ୍ମୀୟସ୍ୱଜନ

ଦ୍ୱାଦଶାହ ଉପଲକ୍ଷେ
ପରୋପକାରୀ, ମିଷ୍ଟଭାଷୀ, ନିଷ୍ଠାବାନ, ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ଆଜୀବନ ସତ୍ୟନିଷ୍ଠ ବ୍ୟକ୍ତିତ୍ୱ ଓ ସମାଜସେବୀ

✓ ଡାକ୍ତର ମିହିର କାନ୍ତ ପାଣିଗ୍ରାହୀ
(ଚିକିତ୍ସା ଓ ହସ ଥିଲା ତାଙ୍କ ଆୟୁଧ)
ଲିଙ୍ଗରାଜ ନଗର, ନୂଆ ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର
୧୭.୦୫.୧୯୫୦/୧୬.୦୧.୨୦୨୪
ଆପଣଙ୍କ ଆଶୀର୍ବାଦ ଭିକ୍ଷାର୍ଥୀ
ବିଶ୍ୱକେଶ, ଶିବାନନ୍ଦ, ମୁକ୍ତକେଶ ଓ ପରିବାରବର୍ଗ
Mob.: 9437167607, 7749882080, 9437026891

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

✓ ଗୌରିବାଳା ସାହୁ
ତିରୋଧାନ - ମାଘ କୃଷ୍ଣପକ୍ଷ ଦ୍ୱିତୀୟା
ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶିର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାଣତା ଚିରସ୍ମରଣୀୟ ହୋଇ ରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ ବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

✓ ସୁପ୍ରଭା ସ୍ୱାଇଁ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ : ୨୮.୦୮.୧୯୪୦
ତିରୋଧାନ:୦୨.୦୧.୨୦୧୮(ମାଘ ପ୍ରତିପଦା)
ଆଜିକୁ ଠିକ୍ ଛଅ ବର୍ଷ ପୂର୍ବେ ତମେ ଆମକୁ ଶୋକସାଗରରେ ଭସାଇଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତମର ଅନୁପସ୍ଥିତିକୁ ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତମର ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତି ହୋଇରହିବ। ତୁମର ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ତମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର - ଆଦିତ୍ୟ, ଆଲୋକ, ବୋହୂ - ପ୍ରଜ୍ଞା, ସୁସ୍ମିତା, କନ୍ୟା - ଜ୍ୟୋତି, ଯୁଗଜ୍ୟୋତି, ଜାମାତା - ବେଦ୍, ଅସୀମ, ନାତୁଣୀ - ଆଦ୍ୟାଶା, ସାଇଅଂଶିକା, ଆୟୁଷୀ, ଆରୁଷି, ଅନନ୍ୟା ଓ ଆତ୍ମୀୟସ୍ୱଜନ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ସାବିତ୍ରୀ ସାହୁ
ସାନକେରକୋ, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୧୬.୧୦.୧୯୩୦
ତିରୋଧାନ: ୧୬.୦୧.୨୦୨୪
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରିତା ଓ ତ୍ୟାଗ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ



**ବ୍ରହ୍ମପୁର,୨୫ ।୧(ସମିସ):** ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ସାରଦା ପଣ୍ଡା । ଶ୍ରୀ ପଣ୍ଡା ପୂର୍ବାହ୍ନରେ ସହରର ବିକାଶ କାର୍ଯ୍ୟ ସମ୍ପର୍କରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ପରେ ବେଡା ବନ୍ଧ ସୌନ୍ଦର୍ଯ୍ୟକରଣ କାମ ତଦାରଖ କରିଥିଲେ । ଏହାର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମ ମୁକ୍ତା ଯୋଜନା ଅଧିନରେ ଜାରି ରହିଥିବା ବେଳେ କିଭଳି ସୁରୁଖୁରୁରେ ହେବ ସେନେଇ ପରାମର୍ଶ ଦେଇଥିଲେ । ପରେ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁକ୍ତା କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ମହାନଗର ନିଗମ ସମେତ ପାରାଦୀପ, କୋଟପାଡ ଓ ଢେଙ୍କାନାଳ ପୌରପାଳିକାର କର୍ମଚାରୀ ମଧ୍ୟ ସାମିଲ ଥିଲେ । କର୍ମଶାଳରେ ଅତିଥି ରୂପେ ଯୁଗ୍ମ ସଚିବ ସାରଦା ପଣ୍ଡା, ବ୍ରହ୍ମପୁର କମିଶନର ଜେ ସୋନାଲ, ଅତିରିକ୍ତ କମିଶନର ରମେଶ ଚନ୍ଦ୍ର ହାଂସଦା, ଇଞ୍ଜିନିୟର ଲଳିତ ଦାସ, ଏମ. ନାଗେଶ୍ୱର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ

## ବିଏମ୍‌ସିରେ ମୁକ୍ତା କର୍ମଶାଳା

ପକ୍ଷରୁ ମୁକ୍ତା ଯୋଜନାର ସୁପରିଚାଳନା ପାଇଁ ଏକ ଆପ ତିଆରି କରାଯାଇଛି । ତାହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଗୁରୁବାର ଏହାର ୟୁଜର ଆସେପ୍ଟାନ୍ସ ଟେଷ୍ଟ କରାଯାଇଥିଲା । କର୍ମଚାରୀମାନେ ଆପର ବ୍ୟବହାର ଏବଂ ସେଥିରେ ଥିବା ତ୍ରୁଟିକୁ ପରିଲକ୍ଷିତ କରିବା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା । ଏହାପରେ ଆପର ବ୍ୟବହାରକୁ ନେଇ ଆଗାମୀ ଦିନରେ ପ୍ରଶିକ୍ଷଣ ଶିବିର ଆୟୋଜନ ହେବ ବୋଲି କମିଶନର ସୂଚନା ଦେଇଛନ୍ତି । ଏହି ଆପର ବ୍ୟବହାର ଫଳରେ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ରହିବା ସହିତ ସମସ୍ତ କାର୍ଯ୍ୟ ଖୁବ କମ ସମୟରେ ସୁଚାରୁ ରୂପେ ହୋଇପାରିବ ବୋଲି ମୁକ୍ତାର ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମୁକ୍ତା ସେଲର ରାଜ୍ୟ ମୁଖ୍ୟ ଶୁଭ୍ରାଂସୁ ଶତପଥି, ରାଜ୍ୟ ମୁଖ୍ୟ ଏମଏସସି ଦେବ ମଲ୍ଲିକ, ମୁକ୍ତାର ପିଏମୟୁ ସନ୍ତୋଷ ଭୂୟାଁଙ୍କ ସମେତ ରାଜ୍ୟର ଦଶ ଜଣିଆ ଟିମ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ତିନିଗୋଟି ପୌରପାଳିକାର ସମସ୍ତ ଇଞ୍ଜିନିୟରମାନେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ସମସ୍ତ ଇଞ୍ଜିନିୟର, ଗୋଷ୍ଠୀ ସଂଯୋଜିକା, ମୁକ୍ତାର ଆଗଧାଡିର କର୍ମଚାରୀମାନେ ଓ ସମସ୍ତ ଡାଟା ଅପରେଟର ଯୋଗ ଦେଇଥିଲେ । ପ୍ରକାଶଯୋଗ୍ୟ ଯେ, ମୁକ୍ତ ଯୋଜନା ଅଧିନରେ ବ୍ରହ୍ମପୁର ମହାନଗର ନିଗମ ଅଧିନରେ ବହୁବିଧ ଉନ୍ନତିମୂଳକ କାର୍ଯ୍ୟ ହୋଇଛି । ଆଗାମୀ ଦିନରେ ଏହାକୁ ଆହୁରି କିଭଳି ତ୍ୱରାନ୍ୱିତ କରାଯିବ ସେଥିପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।

# ସ୍ତ୍ରୀକୁ ମାରି ଜଙ୍ଗଲରେ ଫୋପାଡ଼ି ଦେଲା ସ୍ୱାମୀ

**ଦାରିଙ୍ଗବାଡ଼ି,୨୫।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ବି. ଡକେବାଡ଼ିର ବରଧାଡ଼ି ସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀକୁ ମାରି ପାହାଡ଼ିଆ ଜଙ୍ଗଲରେ ଫୋପାଡ଼ି ଦେଇଛି ସ୍ୱାମୀ । ସୂଚନା ଅନୁଯାୟୀ, ବରଧାଡ଼ି ଗ୍ରାମର ମିତୁ ପ୍ରଧାନଙ୍କ ସ୍ତ୍ରୀ ସାନ୍ତନା ନାୟକ ମଙ୍ଗଳବାରଠାରୁ ନିଖୋଜ ଥିଲେ । ବୁଧବାର ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ । ଗୁରୁବାର ଗ୍ରାମ ନିକଟ ଅରିବାଲି ପାହାଡ଼ରେ ଖୋଜାଖୋଜି କରିବା ବେଳେ ମୃତଦେହ ଦେଖିବାକୁ ପାଇଥିଲେ । ଏହାପରେ ଦାରିଙ୍ଗବାଡ଼ି ଥାନାରେ ସୂଚନା ଦେଇଥିଲେ । ପୁଲିସ ମିତୁଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲା । ମିତୁକୁ ପୁଲିସ ଜେରା କରିଥିଲା । ନିଜ ସ୍ତ୍ରୀର ବେକକୁ ଗାମୁଛାରେ ଗୁଡ଼ାଇ ହତ୍ୟା କରି ଅରିବାଲି ପାହାଡ଼ରେ ଫୋପାଡ଼ି ଦେଇଥିବା ମିତୁ ମାନିଥିଲା । ପୁଲିସ ମିତୁକୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଯାଞ୍ଚ କରିଛି । ସୂଚନାଯୋଗ୍ୟ ଯେ ମିତୁ ୮ ବର୍ଷ ପୂର୍ବେ ସାନ୍ତନାଙ୍କୁ ପ୍ରେମ ବିବାହ କରିଥିବା ବେଳେ ସେମାନଙ୍କର ଏକ ୭ ବର୍ଷର ପୁଅ ରହିଛି ।




# ସିଦ୍ଧ ଭୈରବୀ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ



**ରଙ୍ଗେଇଲୁଣ୍ଡା,୨୫ ।୧(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ କନିସି ହାଟସ୍ଥିତ ସିଦ୍ଧ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ପକ୍ଷରୁ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମୁଖ୍ୟବକ୍ତା ପ୍ରଫେସର ହୃଷୀକେଶ ପଣ୍ଡା ଯୋଗ ଦେଇଥିବାବେଳେ ଅନ୍ୟ ଅତିଥି ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷ ସିଏଚ ଉଷାରାଣୀ, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ଼, ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ସାଂସଦ ପ୍ରତନିଧି ଅଜିତ କୁମାର ରାଉଳ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟରେ ଅଧ୍ୟକ୍ଷ ଡ଼ ଶିବ ପ୍ରସାଦ ନାୟକ ସଭାପତିତ୍ୱ କରିଥିବାବେଳେ ନୋଡାଲ ଅଫିସର ସତ୍ୟନାରାୟଣ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟ ପଟେ ଆମ୍ ସୁରକ୍ଷା ତାମିଲ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିନୋଦ କୁମାର ମାହାଙ୍କୁଡ଼, ସିଏଚ ନରେଶ ପାତ୍ର, ମୋନାଲିସା ଦାସ, ବିପିନି ଚନ୍ଦ୍ର ପ୍ରଧାନ, କେ ମିନାକ୍ଷୀ, ସନ୍ଧ୍ୟାରାଣୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ପଦ୍ମିନୀ ପଟ୍ଟନାୟକ, ଗୀତାରାଣୀ ପାଣିଗ୍ରାହୀ, ୟୁ ଜାନକୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**ଛତ୍ରପୁର,୨୫ ।୧(ସମିସ):** ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ମିଶନ ଶକ୍ତି କାଫେ ଉଦ୍‌ଘାଟନ ହୋଇଯାଇଛି । ଏହାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଏସ୍‌ପି ଜଗମୋହନ ମିନା ଓ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତିଭାଷନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ମିଶନ ଶକ୍ତି କାଫେ ହେବା ଦ୍ୱାରା ପୁଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଜନ ସାଧାରଣ ମାନେ ଉପକୃତ ହୋଇପାରିବେ । ଛତ୍ରପୁର ବ୍ଲକ ଲେଭେଲ ଫେଡରେସନ ଓ ଏନଏସିର ଏସଏଚଜି ସଦସ୍ୟା ମାନଙ୍କୁକୁ ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ନବୀନ ସେନାପତି, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ କୁମାର ସାହୁ, ଛତ୍ରପୁର ବ୍ଲକ ଲେଭେଲ ଫେଡରେସନ ସଭାପତି, ସମ୍ପାଦିକା ଓ ଏସଏଚଜି ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ଜାତୀୟ ମତଦାତା ଦିବସ ପାଳିତ

**ଭଞ୍ଜନଗର,୨୫ ।୧(ସମିସ):** ଭଞ୍ଜନଗରରେ ଉପଖଣ୍ଡସ୍ତରୀୟ ଜାତୀୟ ମତଦାତା ଦିବସ ସ୍ଥାନୀୟ ଟାଉନ୍ ହଲ୍‌ରେ ପାଳିତ ହୋଇଯାଇଛି । ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଭୋଟର ମାନଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଉପ ଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଡେପୁଟି କଲେକ୍ଟର ଦିପ୍ତିମୟୀ ପ୍ରଧାନ, ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱାମିତ୍ର ହରପାଲ୍, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୨ ଜଣ ଶ୍ରେଷ୍ଠ ବିଏଲଓ ଏବଂ ସୁପରଭାଇଜଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।






## 'ନୂଆ-ଓ' ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ଧରାକୋଟ, ୨୫।୧(ସମିସ):** 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ଧରାକୋଟ ବ୍ଲକର ବାଳକ ବାଳିକା ମାନେ ଅଂଶଗ୍ରହଣ କରି ଚାମ୍ପିଅନ ହେବା ସହ ରାଜ୍ୟସ୍ତରକୁ ଉନ୍ନିତ ହୋଇଛନ୍ତି। ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ତଥା କୋଚ ଅନୀଲ ନାୟକ, ହରିଶଙ୍କର ପତିଙ୍କ ତତ୍ତ୍ୱାବଧାନରେ ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟର ବାଳକ ବାଳିକା ମାନେ ଜିଲ୍ଲାସ୍ତରରେ କ୍ରିକେଟ, ଫୁଟବଲ, ଭଲିବଲ, କବାଡି ଓ ଖୋଖୋ ଖେଳରେ ଭାଗ ନେଇଥିଲେ। ସେହିପରି ଢ଼ଉଗାଁ ବଜରଙ୍ଗ କ୍ରିକେଟ କ୍ଲବ ଅଧିନାୟକ ବିକ୍ରମ ମୁନିଙ୍କଙ୍କ ସଫଳ ନେତୃତ୍ୱ ଯୋଗୁଁ ଜିଲ୍ଲାସ୍ତରରେ ଚାମ୍ପିଅନ ହୋଇ ରାଜ୍ୟ ସ୍ତରକୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି।

## ଆତ୍ମ ସୁରକ୍ଷା ତାଲିମ ଶିବିର



**ପୋଲସରା, ୨୫।୧(ସମିସ):** ପୋଲସରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇ ସପ୍ତାହ ଧରି ଚାଲିଥିବା ଆତ୍ମ ସୁରକ୍ଷା ଶିବିର ଉଦଯାପିତ ହେଇଯାଇଛି। ଶିବିର ଅଧାପିକା ତଥା କାର୍ଯ୍ୟକ୍ରମର ସଂଯୋଜିକା ଡ଼ଃ.ଜ୍ୟୋସ୍ନାରାଣୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଭାରପ୍ରାପ୍ତ ଅଧକ୍ଷ ରୁଦ୍ର ପ୍ରସାଦ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ପରିସ୍ଥିତିରେ ଛାତ୍ରୀମାନେ କିଭଳି ନିଜର ସୁରକ୍ଷା ନିଜେ କରିବାରେ ସକ୍ଷମ ହେବେ ସେନେଇ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କରିଥିବା ସମସ୍ତ ଛାତ୍ରୀ ମାନଙ୍କୁ ପୋଲସରା ବିଜ୍ଞାନ କଲେଜ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏନେଇ ବିଜ୍ଞାନ କଲେଜର ପୂର୍ବତନ ଛାତ୍ରୀ ମାଷ୍ଟର ଟ୍ରେନର ସୁଚିତ୍ରା ବେହେରା ସମସ୍ତ ଛାତ୍ରୀଙ୍କ ମନବଳକୁ ସୁଦୃଢ଼ କରିବାର ପ୍ରଶିକ୍ଷଣ ଦେବା ସହିତ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ।

ଡିଜେ ଶବ୍ଦ ପ୍ରଦୂଷଣ

# ବୟସ୍କ, ଶିଶୁ ଓ ରୋଗୀଙ୍କ ଉପରେ ପଡୁଛି କୁପ୍ରଭାବ




**ବ୍ରହ୍ମପୁର, ୨୫।୧(ସମିସ):** ସହରରେ ଶବ୍ଦ ପ୍ରଦୂଷଣ ଚିନ୍ତା ବଢ଼ାଉଛି। ବିଭିନ୍ନ ସ୍ଥାନରେ ବିବାହ ରୋଷଣୀ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ମନଇଚ୍ଛା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ବ୍ୟବହାର ଫଳରେ ଅତ୍ୟଧିକ ଶବ୍ଦ ପ୍ରଦୂଷଣ ହେଉଛି। ଏଥିଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅତ୍ୟଧିକ ଶବ୍ଦ ବୟସ୍କ ବ୍ୟକ୍ତି, ରୋଗୀ ଓ ଶିଶୁଙ୍କ ଉପରେ କୁପ୍ରଭାବ ପକାଉଛି। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ଉପରେ କଟକଣା ଲଗାଇବାକୁ ସ୍ୱତନ୍ତ୍ର ଆଇନ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ବୃଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ବିଶେଷ କରି ଯୁବଗୋଷ୍ଠୀ ଏବେ ସହର ଓ ସହରର ଉପକଣ୍ଠରେ ଶବ୍ଦ ପ୍ରଦୂଷଣ ଅଧିକ କରୁଥିବା ଦେଖିବାକୁ ମିଳୁଛି। ଏକାଧିକ ପୂଜା ଭସାଣିରେ ବିଭିନ୍ନ କମିଟି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ଆଣିବା ଉପରେ ଜୋର୍ ଦେଉଛନ୍ତି। କିଏ କେତେ ଉଚ୍ଚ ଧ୍ୱନି ସୃଷ୍ଟି କରିପାରୁଛି, ଏଥପାଇଁ ସେମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲୁଛି। ସଚେତନ ନାଗରିକମାନେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଭୟ କରୁଛନ୍ତି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### 'କ'ଣ ରହିଛି ନିୟମ'

'ଏନ୍‌ଭାଇରମେଣ୍ଟ ପ୍ରୋଟେକ୍ସନ୍ ଆକ୍ଟ ୧୯୮୬' ଅନ୍ତର୍ଗତ 'ନଏଜ୍ ପୋଲ୍ୟୁସନ୍ (କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ୍) ରୁଲ୍ସ ୨୦୦୦' ଅନୁଯାୟୀ ଶବ୍ଦ ପ୍ରଦୂଷଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏହି ନିୟମ ଅନୁଯାୟୀ, ବିଭିନ୍ନ ଅଞ୍ଚଳକୁ ୪ଟିଜୋନ୍ ଯଥା ଇଣ୍ଡଷ୍ଟ୍ରିଆଲ ଏରିଆ, କମର୍ସିଆଲ୍ ଏରିଆ, ରେସିଡେନ୍ସିଆଲ ଏରିଆ ଓ ସାଇଲେନ୍ସ ଜୋନ୍‌ରେ ବିଭକ୍ତ କରାଯାଇଛି। ଦିନ ଓ ରାତି ପାଇଁ ଏହି ଅଞ୍ଚଳଗୁଡ଼ିକରେ କେତେ ଡେସିବଲ୍ ଯାଏ ଶବ୍ଦ ସୃଷ୍ଟି କରିହେବ ସେନେଇ ସମୟ ମଧ୍ୟ ଧାର୍ଯ୍ୟ ରହିଛି। ଏହି ଆକ୍ଟ ଅନୁଯାୟୀ ଉଲ୍ଲଙ୍ଘନକାରୀଙ୍କୁ ୫ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ଲକ୍ଷ ଟଙ୍କା ଯାଏ ଜରିମାନାରେ ଦଣ୍ଡିତ କରାଯିବ। ଏଥିସହ ଆଇପିସି ଦଫା ୨୬୮, ୨୯୦, ୨୯୧ ଅନୁସାରେ ମଧ୍ୟ ଜରିମାନା ଏବଂ ଜେଲଦଣ୍ଡର ବ୍ୟବସ୍ଥା ରହିଛି।

### ସେମାନଙ୍କ ମତରେ...

### ଅଭିଯୋଗ ଆସିଲେ ହେଉଛି କାର୍ଯ୍ୟାନୁଷ୍ଠାନ



ଶବ୍ଦ ପ୍ରଦୂଷଣ ରୋକିବାକୁ ବ୍ରହ୍ମପୁର ପକ୍ଷରୁ ସବୁ ପ୍ରକାର କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶୋଭାଯାତ୍ରା ଆଦିରେ ୬୫ଡେସିବଲ୍ ମଧ୍ୟରେ ଡିଜେ ବଜାଇବାକୁ ଅନୁମତି ଦିଆଯାଉଛି। ଏହାକୁ ଉଲ୍ଲଙ୍ଘନ କରାଯିବାର ଅଭିଯୋଗ ଆସିଲେ ଜରିମାନା ନିଆଯିବା ସହ ଡିଜେ ଗାଡ଼ି ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ୪ଦିନ ପୁର୍ବେ ବୈଦ୍ୟନାଥପୁର ଓ ଗୋଷାଣୀନୂଆଁଗାଁ ଥାନା ପୁଲିସ ପକ୍ଷରୁ ଦୁଇଟି ଡିଜେ ଗାଡ଼ି ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିଲା। ସାଧାରଣ ଲୋକଙ୍କୁ ସମସ୍ୟାରେ ପକାଉଥିବା ମ୍ୟୁଜିକ୍ ସିଷ୍ଟମ୍ ବ୍ୟବହାର ନ କରିବାକୁ ପୁଲିସ ପକ୍ଷରୁ ବିଭିନ୍ନ ସମୟରେ ପରାମର୍ଶ ଦିଆଯାଉଛି।

**ଡ.ସର୍ବଣା ବିବେକ ଏମ, ଏସ୍‌ପି ବ୍ରହ୍ମପୁର**



ଶବ୍ଦ ପ୍ରଦୂଷଣ ରୋକିବାକୁ ସବୁପ୍ରକାର ଆଇନକାନୁନ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ହେଲେ ବାହାଘର, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଡିଜେ ନ ବାଜିଲେ ଅସମ୍ପୂର୍ଣ୍ଣ ରହିଗଲା ବୋଲି ଲୋକଙ୍କ ଭାବନା ରହୁଛି। ଯାହା ପାଇଁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ସେସବୁକୁ ଦୂରେଇ ଦେବା ପାଇଁ ଆମ ଭିତରେ ଯଥେଷ୍ଟ ସଚେତନତା ସୃଷ୍ଟି ହେବା ଦରକାର। ଏଥିପାଇଁ ଯେଉଁ ଆଇନ ବ୍ୟବସ୍ଥା ରହିଛି, ଆମେ ତାହାକୁ ସମ୍ମାନ ଦେବା ଦରକାର। ଜାଣିଶୁଣି ଆଇନ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ପରିବେଶ ପ୍ରଦୂଷିତରେ ପ୍ରଭାବ ଗୋଟିଏ ଦିନରେ ହୁଏନାହିଁ। ଏହା ଲମ୍ବା ସମୟ ଅବଧି ମଧ୍ୟରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାଠୁ ଆରମ୍ଭ କରି କ୍ୟାନ୍ସର ପର୍ଯ୍ୟନ୍ତ ରୋଗ ଆଦି ବୃଦ୍ଧି ପାଇ ଚାଲିଛି। ଶବ୍ଦ ପ୍ରଦୂଷଣରୁ ସାଧାରଣ ଲୋକଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଏ। ପଶୁପକ୍ଷୀମାନେ ମଧ୍ୟ ସମଭାବରେ ପ୍ରଭାବିତ ହୁଅନ୍ତି। ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ପ୍ରଦୂଷଣ ସୃଷ୍ଟି କରୁଥିବା ଜିନିଷକୁ ଆମେ ବର୍ଜନ କରିବା ଉଚିତ।

**ସାଗର କୁମାର ପାତ୍ର, ପରିବେଶବିତ୍**



ଶବ୍ଦ ପ୍ରଦୂଷଣ ରୋକିବାକୁ ଆଇନକାନୁନ ସହ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ହେଲେ ସବୁଠି ଏହି ଆଇନ ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ମଧ୍ୟ ଏନେଇ ପଦକ୍ଷେପ ଗ୍ରହଣ କରାଯାଉନାହିଁ। କିଛି ଦିନ ପୂର୍ବେ ବ୍ରହ୍ମପୁର ପୁଲିସ ଦୁଇଟି ଡ଼ିଜେ ଗାଡ଼ି ଜବତ କରି ଆଇନ ଉଲ୍ଲଙ୍ଘନ କରିଥିବାରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସ୍ୱାଗତ ଯୋଗ୍ୟ। ହେଲେ ଏପରି ଆଇନ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ଲୋକେ ଉପକୃତ ହୋଇଥାନ୍ତେ।

**ଅବନୀ ଗୟା, ଆଇନଜୀବୀ**

## ଟେଲାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଫିରିଙ୍ଗିଆ,୨୫।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଟେଲାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସିଆର୍‌ସି ସି ଦିଲୀପ କୁମାର ପାଣିଗ୍ରାହୀ, ଶିବାନୀ କହଁର, ସବିତା ପାଣିଗ୍ରାହି, ସଭାପତି ଉର୍ମିଳା କହଁର, ୱାର୍ଡସଭ୍ୟ ସୀତାରାମ କହଁର ଓ ମୁଖ୍ୟବକ୍ତା ଭାବେ ଡିଣ୍ଡିରା ଗାଁ ସରପଞ୍ଚ ରଞ୍ଜିତା ମଲିକ ଯୋଗ ଦେଇଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ଆୟୋଜନ କରାଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଉର୍ମିଳା କହଁର ଓ ଶିକ୍ଷକ ମନୋଜ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ଶିକ୍ଷୟିତ୍ରୀ ସୁଜ୍ଞାନୀ ମଞ୍ଜରୀ ନାୟକ, ଚିନ୍ମୟୀ ଜାନି ଓ ବିଦ୍ୟାଳୟ ର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଆସିକା, ୨୫।୧(ସମିସ):** ଆସିକା ଏନଏସିର ୧୭ ନଂ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ମୁକ୍ତା ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକ ନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ମୁକ୍ତା ଯୋଜନା ମାଧ୍ୟମରେ ମହିଳା ମାନଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶ ତଦାରଖ କରିବା ସହ ସେମାନଙ୍କ ଦକ୍ଷତାକୁ ନେଇ ଏହି ଶିବିର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ କୋଡିନେଟର ଶୁଭମ, ଶିବ ପ୍ରସାଦ ପ୍ରଧାନଙ୍କ ସମେତ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ।



## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କିତ କର୍ମଶାଳା



**ବ୍ରହ୍ମପୁର, ୨୫।୧(ସମିସ):** ଗଞ୍ଜାମ କଳା ପରିଷଦରେ ବୁଧବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ଏକ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶାଳ, ବିଶ୍ୱକର୍ମା ଯୋଜନା ରାଜ୍ୟ ସଂଯୋଜକ ରବି ମହାରଣା, ବିଶ୍ୱକର୍ମା ଯୋଜନା ପ୍ରଶିକ୍ଷଣ ପ୍ରକୋଷ୍ଠ ରାଜ୍ୟ ସଂଯୋଜିକା ଦୀପ୍ତିରେଖା ପଟ୍ଟନାୟକ, ଓବିସି ମୋର୍ଚ୍ଚା ରାଜ୍ୟ କୋଷାଧକ୍ଷ ସନ୍ତୋଷ ମହାପାତ୍ର, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ଡ଼ା.ସୁବାଷ ସାହୁ, ଗଞ୍ଜାମ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ସ୍କ୍ରିନିଂ କମିଟି ସଦସ୍ୟ ଏନ୍.ରାଜେନ୍ଦ୍ର କୁମାର, ଜିଲ୍ଲା ସଂଯୋଜିକା ଅନୁଜା ନନ୍ଦ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଆତ୍ମନିର୍ଭରଶୀଳ ଭାରତରେ ୧୮ଟି କୌଳିକ ବୃତ୍ତିରେ ଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ଯୋଜନାରେ ସାମିଲ ନିମନ୍ତେ ଏଠରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ମଶାଳାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଶ୍ୱକର୍ମା ଯୋଜନା ସଂଯୋଜକ ରାମ କୁମାର ପାତ୍ର, ସହ ସଂଯୋଜକ କେ.ଟୁଙ୍ଗୁରୁ ପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ପ୍ରଶାନ୍ତ କର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ମହନ୍ତ ଚିନ୍ମୟାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଦାନା ପାଇଁ ରାସ୍ତାରେ ଗଡୁଛି ଜୀବନ




**ଆସିକା, ୨୫।୧(ସମିସ):** ଜନଗହଳିପୂର୍ଣ୍ଣ ରାସ୍ତା ହେଉ କିମ୍ବା ଯାନବାହାନ ଚଳାଚଳ ମୁଖ୍ୟରାସ୍ତା। ଜଣେ ଆଗରେ ଗଡ଼ିଗଡ଼ି ଯାଉଛି। ଆଉ ଜଣେ ଠେଲାଗାଡ଼ିରେ ଯାଉଛି। ଉଭୟେ ଭିନ୍ନକ୍ଷମ ଦୁଇ ଭାଇ। ରାସ୍ତାରେ ବୁଲି ବୁଲି ଭିକ୍ଷା ବୃତ୍ତି କରନ୍ତି। ସାଥିରେ ଅଛି ଜଣେ ସହଯୋଗୀ ଯୁବକ। ଯିଏକି ଉଭୟଙ୍କ ଭିତରୁ ଜଣକୁ, ଟାଣି ଟାଣି ନିଏ ଏବଂ ଦୁଇ ଭାଇଙ୍କ ଦେଖାଶୁଣା କରେ। ଏଥିପାଇଁ ସହଯୋଗୀ ଯୁବକ ଦୈନିକ ୩୦୦ଟଙ୍କା ପାରିଶ୍ରମିକ ଦିଅନ୍ତି ଦୁଇଭାଇ। ଭିକ୍ଷା ବୃତ୍ତିରୁ ଆଉ ଯାହା ବଳକା ହୁଏ। ସେଥିରେ ଦୁଇଭାଇଙ୍କ ପେଟକୁ ଦାନା ଯୋଗାଡ ହୁଏ। ଏମିତି ଏକ ଦୃଶ୍ୟ ଆସିକା ସହରରେ ଦେଖିବାକୁ ମିଳିଛି। ଯାହାକି ଅତି ହୃଦୟ ବିଦାରକ ମନେ ହେଉଛି। ସେମାନଙ୍କୁ ପଚାରିବା ପରେ ଜଣା ପଡ଼ିଲା, ସମସ୍ତେ ବିହାରରୁ ଆସିଛନ୍ତି। ଏଭଳି ଭାବରେ ଭିକ୍ଷାବୃତ୍ତି କରିବା ପାଇଁ ସେମାନେ ବିହାର ବ୍ୟତୀତ ବିଭିନ୍ନ ରାଜ୍ୟକୁ ଘୁରି ବୁଲିଥାନ୍ତି। ଏହି ଘଟଣାକୁ ଦେଖୁଥିବା ଲୋକେ ଏବଂ ବୁଦ୍ଧିଜୀବୀ ମାନେ ଏସଂକ୍ରାନ୍ତରେ ପ୍ରତିକ୍ରିୟା ରଖିଥିଲେ। ବାହାର ରାଜ୍ୟରୁ ବହୁ ରାସ୍ତା ଅତିକ୍ରମ କରି ଏମାନେ ଆସିଥିବା ବେଳେ ଏମାନଙ୍କ ଦୁଃଖଦାୟକ ପରିସ୍ଥିତି ପ୍ରତି କାହାର ନଜର ପଡୁନାହିଁ କେମିତି। ରାସ୍ତାରେ ଯାଉଥିବା ଲୋକେ କିଛି ପଇସା ଦେଇ ଚାହିଁ ରହିବା ବ୍ୟତୀତ ଏମାନଙ୍କ ପ୍ରତି ସମବେଦନା ସୃଷ୍ଟି ହେଉନାହିଁ କାହିଁକି। ଏଣୁ ଏଭଳି ଭିକ୍ଷାବୃତ୍ତି କରୁଥିବା ଭିନ୍ନକ୍ଷମ ମାନଙ୍କ ପ୍ରତି ସହାୟତା ଯୋଗାଇଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି। ଅନ୍ୟ ପଟେ ପେଟ ପାଇଁ ନାଟ ସେଥିପାଇଁ ତ ମୁଠାଏ ଦାନା ଯୋଗାଡ଼ କରିବା ପାଇଁ ଲୋକଙ୍କୁ ହାତ ପତାଇ ନିଜ ଜୀବନକୁ ତୁଛ ଭାବି କରିଥାନ୍ତି ଏହି ଦୁଇ ଭାଇ। ଗୋଟିଏ ପଟେ ରାଜ ରାସ୍ତାରେ ଗଡ଼ି ଗଡ଼ି ଯାଉଛି ତ ଆଉ ଗୋଟେ ଭାଇ ଟଲି ଆକୃତି ଭିତରେ ବସି ଜାଇ ଥାନ୍ତି। ସତରେ ଏମାନେ ବଞ୍ଚିବା ପାଇଁ ଜୀବନ ସହ ଜୁଝି ହେଉଛନ୍ତି।

# ଆନ୍ଦୋଳନରେ ପ୍ରାଣୀ ଚିକିତ୍ସକ; ସଂକଟରେ ପ୍ରାଣୀ ସମ୍ପଦ



**ବୁଗୁଡ଼ା, ୨୫।୧(ସମିସ):** ବିଭିନ୍ନ ଦଫା ଦାବି ନେଇ ଚିକିତ୍ସକଙ୍କ ଆନ୍ଦୋଳନ ସପ୍ତମ ଦିନରେ ପହଞ୍ଚିଛି। ଫଳରେ ବୁଗୁଡ଼ା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳର ଗାଇଗୋରୁଙ୍କ ସମେତ ବିଭିନ୍ନ ଗୃହପାଳିତ ପଶୁଙ୍କ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ବିଗତକାଲି ବୁଗୁଡ଼ା ଏନଏସିର ପ୍ରଫୁଲ ପଣ୍ଡା ନିଜ ଅସୁସ୍ଥ ଗାଈର ଚିକିତ୍ସା ପାଇଁ ବୁଗୁଡ଼ା ପ୍ରାଣୀ ଚିକିତ୍ସାଳୟକୁ ଆସି ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ନିରାଶ ହୋଇ ଫେରିଥିଲେ। ପ୍ରାଣୀ ଚିକିତ୍ସା ସେବା ସଂଘର ଆହ୍ୱାନ କ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ନେଇ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ବିଭିଓ ଶୁଭ୍ରାଂଶୁ ଶେଖର ରାଉତ ପ୍ରକାଶ କରିବା ସହ ଆବଶ୍ୟକ ସ୍ଥଳେ ୧୪୫୪୫ ନମ୍ବରରେ କଲ କରିବାକୁ ଅନୁରୋଧ କରିଛନ୍ତି। ସେହିପରି କତକଲା ଗ୍ରାମର ରବି ନାରାୟଣ ବିଷୋୟୀ ନିଜ ଅସୁସ୍ଥ ଗାଈର ଚିକିତ୍ସା ପାଇଁ ବୁଗୁଡ଼ା ପ୍ରାଣୀ ଚିକିତ୍ସାଳୟକୁ ଆସି ନିରାଶ ହୋଇ ଫେରିଥିଲେ। ବିଭିଓଙ୍କ ସମେତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଅନୁପସ୍ଥିତ ଥିବାରୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କାର୍ଯ୍ୟରୁ ଦୁରେଇ ରହିବା ଯୋଗୁଁ ପ୍ରାଣୀ ପାଳକମାନେ ସମ୍ପ୍ରତି ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାଜ୍ୟ ସରକାର ଜାରି କରିଥିବା 'ମୋ ସରକାର' କିଷାନ କଲ ସେଣ୍ଟର, ଏବଂ ପ୍ରାଣୀ ସହାୟତା ନମ୍ବର ଆଦିରେ କୌଣସିଠାରୁ ଚାଷୀମାନଙ୍କୁ ସହାୟତା ମିଳୁନାହିଁ। ତେଣୁ, ଏ ସମସ୍ୟାର ସମାଧାନ ପୂର୍ବକ ନିରୀହ ପ୍ରାଣୀମାନଙ୍କ ଦୁର୍ଦ୍ଦଶା ଦୂର କରିବାକୁ ଜନସାଧାରଣ ଦାବି ହେଉଛି।

**ଧରାକୋଟ:** ପ୍ରାଣୀ ଚିକିତ୍ସକ ମାନଙ୍କ ଆନ୍ଦୋଳନ ଅଷ୍ଟମ ଦିନରେ ପହଞ୍ଚିଛି। ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ଜିଲ୍ଲା ମୁଖ୍ୟାଳୟରେ ଧାରଣାରେ ବସିଛନ୍ତି ଓ ଧରାକୋଟ ସ୍ଥିତ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ବିଭିଓ ଡାକ୍ତର ମାନସ ରଞ୍ଜନ ପଲାଇ, ଏବିଭିଓ ଡାକ୍ତର ଐଶ୍ୱର୍ଯ୍ୟା ଦାସ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରିସି ନନ୍ଦ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିବା ଯୋଗୁଁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଏକ ରକମ ଅଚଳାବସ୍ଥା ଦେଖାଦେଇଛି। ଏଭଳି ସ୍ଥିତିରେ ଗୃହପାଳିତ ପଶୁମାନେ ସଂକ୍ରାମକ, ଅଣ ସଂକ୍ରାମକ ଓ ଆପାତ କାଳୀନ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ବେଳେ ସରକାରଙ୍କ ଜୀବନ ଜୀବିକା ଭିତ୍ତିକ ଯୋଜନା ଠପ ହୋଇଯାଇଛି।



ପ୍ରାଣୀମାନଙ୍କ ଜୀବନ ଅତ୍ୟନ୍ତ ଦୁର୍ବିସହ ଆଡ଼କୁ ଗତି କଲାଣି ଓ ଏମ୍‌ଭିୟୁ ବା ଭ୍ରାମ୍ୟମାଣ ଚିକିତ୍ସା ଗାଡି ଗଡୁ ନାହିଁ। ବୀମା ଭୁକ୍ତ ପ୍ରାଣୀ ମୃତ୍ୟୁବରଣ କରିଥିଲେ ସୁଦ୍ଧା ବୀମା ରାଶି ନ ମିଳିବା ନେଇ ଆଶଙ୍କା ହେଉଛି ଓ ସ୍ୱୟଂ ସହାୟକ ଦଳ ଦ୍ୱାରା ସ୍ଥାପିତ ବିଭିନ୍ନ ଫାର୍ମ ନିମନ୍ତେ ସବସିଡି ମଞ୍ଜୁର କିମ୍ବା ବୀମାକରଣ ହୋଇପାରୁନାହିଁ। ଏନେଇ ସ୍ଥାନୀୟ ଡାକ୍ତର ମାନସ ରଞ୍ଜନ ପଲେଇଙ୍କୁ ପଚାରିବାରୁ ବିଭିନ୍ନ ଦାବି ନେଇ ସାରା ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ଆନ୍ଦୋଳନରେ ବସିଛନ୍ତି ବୋଲି ପ୍ରକାଶ କରିଛନ୍ତି ଓ ମହିଳା ସ୍ୱୟଂ ସହାୟକ ଦଳ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ଏ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି ଓ ସରକାର ତୁରନ୍ତ ଏ ସମସ୍ୟାର ଅନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



**ଛତ୍ରପୁର, ୨୫।୧(ସମିସ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଛତ୍ରପୁର ରାଧେଶ୍ୟାମ ଫାଉଣ୍ଡେସନ ପକ୍ଷରୁ ପାଳନ କରାଯାଇଛି। ଟ୍ରଷ୍ଟ ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଛତ୍ରପୁର ବିଜେଡି ନଗର ସଭାପତି ବି.ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର କେ. ରମେଶ, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠି ଓ ବି. ନିଶ୍ଚଳା, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି, ହାଇକୋର୍ଟ ଆଡଭୋକେଟ ପଦ୍ମ ଚରଣ ସାହୁ, ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟ ସହ -ସମ୍ପାଦିକା ଗୋଲାପ ସାହୁ, ବି. ଗୋପାଳ ସ୍ୱାମୀ, ମିଟୁ ବେହେରା, ଟ୍ରଷ୍ଟର ସମ୍ପାଦିକା ଝିଲିବାଳା ରାଉତ, ଯୁଗ୍ମ ସମ୍ପାଦିକା ଗୀତା ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଉପସ୍ଥିତ ଥିଲେ।

